## ସଂକ୍ଷେପରେ

### ଗଛ ପଡ଼ି ଭୁଶୁଡ଼ିଲା ମନ୍ଦିର

ଜୟପୁର, ୯।୭ (ପବନ ପାଣିଗ୍ରାହୀ)- କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲି ପଞ୍ଚାୟତର ସାନମୁଳାସର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଗଛ ଉପୁଡି ଏକ ମନ୍ଦିର କ୍ଷତିଗ୍ରସ୍ତ ହୋଇଛି। ବର୍ଷାରେ ଗ୍ରାମରେ ଥିବା ବରଗଛଟି ଉପୁଡି ପଡି ନିକଟରେ ଥିବା ଗ୍ରାମଦେବୀ ଠାକୁରାଣୀଙ୍କ ମନ୍ଦିର ଉପରେ ପଡିଥିଲା। ଫଳରେ ମନ୍ଦିରଟି ଭୁଶୁଡିପଡିଛି। ତୁରନ୍ତ ଉପୁଡିଥିବା ଗଛକୁ ବାହାର କରି ପ୍ରଶାସନ ନୂତନ ମନ୍ଦିର ନିର୍ମାଣ କରିବାକୁ ସମାଜିକ କର୍ମୀ ବି.ହରି ରାଓ ଦାବି କରିଛନ୍ତି।

### କୁସୁମପୁଟରେ ଅବକାରୀ ଚଢ଼ାଉ

ଜୟପୁର, ୯।୭ (ପବନ ପାଣିଗ୍ରାହୀ)- ମଦ ବ୍ୟବସାୟୀମାନେ କୁସୁମପୁଟରେ ଦେଶୀ ମଦ ଓ ପୋଚ ପ୍ରସ୍ତୁତ କରି ଲୁଚାଇ ରଖିଥିବା ସୂଚନା ପାଇ ଶନିବାର ଅବକାରୀ ବିଭାଗ କର୍ମଚାରୀମାନେ ଚଢ଼ାଉ କରି ଏହାକୁ ଜବତ କରି ନଷ୍ଟ କରିଛନ୍ତି। ତେବେ ଚଢ଼ାଉ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଘଟଣା ସ୍ଥଳରୁ କର୍ମଚାରୀମାନେ ମଦ ସରଞ୍ଜାମ ଜବତ କରିଥିବା ଅବକାରୀ ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

### ବିଭିନ୍ନ ସ୍ଥାନରେ ଚାରା ରୋପଣ

ଗୁଣପୁର,୯।୭(ପ୍ରଦୀପ ପାଢ଼ୀ)- ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଚିନାସାରିର ନେତାଜୀ ଉଚ୍ଚ ବିଦ୍ୟାଳୟଠାରେ ଚାରାରୋପଣ କରାଯାଇଥିଲା। ବିଭିନ୍ନ କିଷମର ଚାରା ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ରୋପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ସେହପରି ଗାୟତ୍ରୀ ଫାର୍ମାସି କଲେଜ ଓ ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ମଧ ବନମହୋତ୍ସବ ପାଳିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ ହୋଇଥିଲା। କୁଳପତି ଡ.ଏଭିଏନଏଲ ଶର୍ମା, ରେଜିଷ୍ଟ୍ରାର ଡ.ଏନଭିଜେରାଓ, ସ୍କୁଲ ଅଫ ଇଂଜିନିୟରିଂର ଡିନ ଡ.ଏ.ଶ୍ରୀନିବାସ ରାଓ, ଡେପୁଟି ରେଞ୍ଜର ନିଳମାଧବ ପାଢ଼ୀଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଉପସ୍ଥିତଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ପାରଳାଖେମୁଣ୍ଡି, ୯।୭ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ଗୋଷାଣି ବ୍ଲକ ଗାରବନ୍ଧ ଥାନା ଅନ୍ତର୍ଗତ ସାରିଆପଲ୍ଲୀ ଗ୍ରାମ ନିକଟରେ ଶନିବାର ବିଳମ୍ବିତ ରାତିରେ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଇଠଡା ଗ୍ରାମର ଟି.ସିମାଞ୍ଚଳମ(୫୨)। ଗାରବନ୍ଧ ଗ୍ରାମରୁ ନିଜ ଗ୍ରାମ ଅଭିମୁଖେ ଯାଉଥିବା ସମୟରେ ଏକ ଟ୍ରକ ତାଙ୍କ ପଛଟରୁ ଧକ୍କା ଦେଇଥିଲା । ଫଳରେ ସୀମାଞ୍ଚଳମ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୋଲିସ ଉଦ୍ଧାର କରି ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ କୌଣସି ଡାକ୍ତର କିମ୍ବା କର୍ମଚାରୀ ନଥିବାରୁ ତାଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗାରବନ୍ଧ ଥାନାରେ ୪୬/୨୩ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଗୋବିନ୍ଦ ଗୌଡ ସୂଚନା ଦେଇଛନ୍ତି।

### କୁଜେନ୍ଦ୍ରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ରାମନାଗୁଡା,୯।୭(ସଞ୍ଜୟ ପ୍ରଧାନ)- ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ କୁଜେନ୍ଦ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୪ତମ ବନମହୋସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗୁଣୁପୁର ରେଞ୍ଜର ଅଶୋକ ବେହେରା, ନୀଳମାଧବ ପାଢ଼ୀ, ବରିଷ୍ଠ ବିଜେଡି ନେତା ତଥା ଜିଲା ସମ୍ପାଦକ ଗଗନ ଆଚାର୍ଯ୍ୟ, ସରପଞ୍ଚ କୁଜେନ୍ଦ୍ରୀ ରମେଶ ଶବର, ପୂର୍ବତନ ଜିଲା ପରିଷଦ ସଭ୍ୟ ଦାମୋଦର କୈବର୍ତ୍ତ, ଜିଲା ପରିଷଦ ସଭ୍ୟ (ଖ) ସୁରେଶ ଗମାଙ୍ଗ, ବରିଷ୍ଠ ନାଗରିକ ଗୋଲକନାଥ ବେହେରା, ଫରେଷ୍ଟ ଗାର୍ଡ ସୋମେଶ୍ୱର ରାଓ, ଜୟଦେବ ଶବର, ବିଦ୍ୟାଳୟ ସଭାପତି ସଞ୍ଜୀବ ଗାଣ୍ଟା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ବନବିଭାଗ କର୍ମଚାରୀ ଓ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।

# ବର୍ଷାଦିନେ ମ୍ୟୁନିସିପାଲିଟିର ଡ୍ରେନ୍ ନିର୍ମାଣ

- ଆରମ୍ଭ କରିଥିବା କାର୍ଯ୍ୟ ଶେଷ ନ କରି ପକାଇ ରଖାଯାଇଛି
- ବର୍ଷା ଯୋଗୁ କାର୍ଯ୍ୟ ବନ୍ଦ ରହିଛି, ଶୀଘ୍ର ଶେଷ ହେବ: ନିର୍ବାହୀ ଅଧିକାରୀ
- ସହରରୁ ଚିହ୍ନଟ ହେଲେଣି ୩ରୁ ଅଧିକ ଡେଙ୍ଗୁ ରୋଗୀ

କୋରାପୁଟ,୯।୭(ଅମିତାଭ ବେହେରା)

ଖରାଦିନ ଗଲା କିଛି କାର୍ଯ୍ୟ ହେଲାନି। ଯେମିତି ବର୍ଷା ଋତୁ ଆରମ୍ଭ ହୋଇଛି କୋରାପୁଟ ମ୍ୟୁନିସିପାଲିଟି ଡ୍ରେନ ନିର୍ମାଣ ଆରମ୍ଭ କରିଛି। ବର୍ଷା ଋତୁ ହେବାରୁ ମ୍ୟୁନିସିପାଲିଟିର ଡ୍ରେନ ନିର୍ମାଣ କଥା ମନେପଡିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଡ୍ରେନ ନିର୍ମାଣ ପାଇଁ ମାଟି ଖୋଳାଯାଇ ଏହାକୁ ରାସ୍ତାପାର୍ଶ୍ୱରେ ପକାଇ ରଖାଯାଇଛି। ଏଥିଯୋଗୁ ସୃଷ୍ଟି ହୋଇଥିବା ଗର୍ତ୍ତରେ ବର୍ଷାପାଣି ଓ ଡ୍ରେନ ପାଣି ଜମି ରହି ଏହା ଡେଙ୍ଗୁ ମଶାର ବଂଶବୃଦ୍ଧିରେ ସହାୟକ ହେବ ବୋଲି ବିଭିନ୍ନ ୱାର୍ଡବାସୀ ଅଭିଯୋଗ କରିଛନ୍ତି।

ଖବରରୁ ଜଣାପଡିଛି, କୋରାପୁଟ ସହରର କଳାନିକେତନ ଛକରୁ ଗ୍ୟାରେଜ ଲାଇନକୁ ପଡିଥିବା ରାସ୍ତାରେ ଡ୍ରେନ ନିର୍ମାଣ ଲାଗି ମ୍ୟୁନିସିପାଲିଟି ପକ୍ଷରୁ ମାଟି ଖୋଳାଯାଇ ଏହି କାର୍ଯ୍ୟକୁ ଅଧାପନ୍ତରିଆ ଅବସ୍ଥାରେ ପକାଇ ରଖାଯାଇଛି। ଫଳରେ ଖୋଳାଯାଇଥିବା ଗାତରେ ବର୍ଷା ଓ ଡ୍ରେନ ପାଣି ଜମି ରହୁଛି। ଏହା ସହରରେ ଡେଙ୍ଗୁ ମଶାର ବଂଶ ବୃଦ୍ଧିରେ ସହାୟକ ହେବ ବୋଲି ୱାର୍ଡବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ସହରର ପୁଜାରିପୁଟ ଅଞ୍ଚଳରେ ମଧ ଏପରି ଡ୍ରେନ ଖୋଳାଯାଇଛି। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ସେଥିରେ ବର୍ଷା ଓ ଡ୍ରେନ ଜଳ ଜମିରହୁଛି। ଏଥିସହ ସହରର ଅନ୍ୟ ୱାର୍ଡରେ ମଧ ବର୍ଷା ଦିନେ ଡ୍ରେନ କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ଏନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ସପ୍ତାହକ ମଧ୍ୟରେ କୋରାପୁଟ ସହରର ବିଭିନ୍ନ ୱାର୍ଡରୁ ୩ରୁ ଉର୍ଦ୍ଧ୍ୱ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେଣି। ମ୍ୟୁନିସିପାଲିଟି ପକ୍ଷରୁ ସହରରେ ଡେଙ୍ଗୁ ମଶାର ବଂଶ ବୃଦ୍ଧି ନ ହେବା ନେଇ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ୱାର୍ଡବାସୀ ଅଭିଯୋଗ କରିଛନ୍ତି। ବୁଦ୍ଧିଜୀବୀ ଭବାନୀ ଶଙ୍କର ମିଶ୍ର, ସିଏଚ ସାନ୍ତାକାରଙ୍କ ସମେତ ଅନ୍ୟମାନେ ମ୍ୟୁନିସିପାଲିଟିର ବର୍ଷା ଦିନେ ଡ୍ରେନ ନିର୍ମାଣକୁ ନାପସନ୍ଦ କରି ଆରମ୍ଭ ହୋଇଥିବା କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ଦାବି କରିଛନ୍ତି। ଏ ବିଷୟରେ ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ପଚାରିବାରୁ ସେ କହିଲେ, ବର୍ଷା ଯୋଗୁ ଏହି କାର୍ଯ୍ୟ ଏବେ ବନ୍ଦ ରହିଛି। ଖୁବ ଶୀଘ୍ର ଆରମ୍ଭ ହୋଇଥିବା କାର୍ଯ୍ୟ ଶେଷ କରାଯିବ।



ଡ୍ରେନ ପାଇଁ ରାସ୍ତା ପାର୍ଶ୍ୱରେ ଖୋଳାଯାଇଥିବା ଗାତ।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ହଇରାଣ ନେଇ ଅଭିଯୋଗ

### ପେନସନର୍ସ ଆସୋସିଏଶନ ବୈଠକ

ଜୟପୁର,୯।୭ (ପବନ ପାଣିଗ୍ରାହୀ )

ଇପିଏଫ ପେନସନର୍ସ ଆସୋସିଏଶନ୍ କୋରାପୁଟ ଜିଲା ଶାଖାର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ନଳିନୀ ରଥ ସଭାପତିତ୍ୱ କରିଥିଲେ। ସୁପ୍ରିମକୋର୍ଟଙ୍କ ଗାଇଡ୍ ଲାଇନ୍ ଅନୁସାରେ ଉଚ୍ଚହାର ପେନସନ୍ ପାଇଁ ଭବିଷ୍ୟନିଧି ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶର ଆବେଦନ ସମୟ ସୀମା ଆସନ୍ତା ୧୧ରେ ଶେଷ ହେଉଛି। ଏହି ସମୟ ମଧ୍ୟରେ ସାଧାରଣ ଶ୍ରମିକ ଆବେଦନ କରିବା ସମ୍ଭବ ନୁହେଁ । ଦେଶରେ ୭୫ ଲକ୍ଷ ଇପିଏଫ ପେନସନଧାରୀ ଥିବା ବେଳେ ଏକ ଚତୁର୍ଥାଂଶ ଏଯାଏ ଆବେଦନ କରି ନ ଥିବା ସିଟି କୋର୍ଡିନେସନ କମିଟି ସାଧାରଣ ସମ୍ପାଦକ ପ୍ରମୋଦ ମହାନ୍ତି କହିଛନ୍ତି। ଜଣେ ଉପଭୋକ୍ତା କେତେ ଟଙ୍କା ବାନ୍ଧିଲେ ସେ ଉଚ୍ଚ ହାରରେ କେତେ ପେନସନ ପାଇବାକୁ ଯୋଗ୍ୟ ହେବ ସେନେଇ ଅବଗତ କରିବାକୁ ରାଜ୍ୟ ଓ କେନ୍ଦ୍ର ସଙ୍ଗଠନକୁ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଦେଶରେ ସଙ୍ଗଠନଗୁଡିକ ସର୍ବନିମ୍ନ ପେନସନ ମାସିକ ୯ହଜାର ଟଙ୍କା ପାଇବାକୁ ଦାବି ରଖନ୍ତୁ। କୋରାପୁଟ ଜିଲା କମିଟି ମଧ ଆଗାମୀ ଦିନରେ ଏନେଇ ଚାଲିଥିବା ଆନ୍ଦୋଳନକୁ ସଫଳ କରିବାକୁ ସମସ୍ତ ସହଯୋଗ କରିବ ବୋଲି ମହାନ୍ତି କହିଥିଲେ। କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ଉମାକାନ୍ତ ରଥ ଅବସର ନେଇ ଏଯାଏ ତାଙ୍କ ଗ୍ରାଚ୍ୟୁଇଟି ଟଙ୍କା ପାଇନାହାନ୍ତି। ମାତ୍ର ୫୭ ହଜାର ଟଙ୍କା ପାଇଁ ରଥ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ସାରିଲେଣି। କେବଳ ରଥ ନୁହନ୍ତି ଏପରି ଅନେକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ହଇରାଣ କରାଯାଉଛି ବୋଲି ସଂଘ ପକ୍ଷରୁ କୁହାଯାଇ ଏହାର ସମାଧାନ ନ ହେଲେ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି। ଜୟପୁରଠାରେ ଇପିଏଫ ଅଫିସ୍‌ର ଏକ ଶାଖା କାର୍ଯ୍ୟାଳୟ ଖୋଲିବା ନେଇ ଦାବି କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଉମାକାନ୍ତ ରଥଙ୍କ ସହ କିଶୋର ଚନ୍ଦ୍ର ପଣ୍ଡା, କାହ୍ନୁଚରଣ ପାଢୀ, ରସିକ ଗୌଡ଼, ପ୍ରସାଦ ରାଓ, ଏ.ରାମବାବୁ ,ଏନ୍ଏସ୍ ଆର୍ ମୂର୍ତ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବହୁ ସଂଖ୍ୟାରେ ଚାରାରୋପଣ କରିବାକୁ ପରାମର୍ଶ

### ଆମ୍ବାବାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ପଟ୍ଟାଙ୍ଗି,୯।୭(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଆମ୍ବାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭୪ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଚାରା ଯଥା ଫୁଲଫଳ, ଔଷଧୀୟ ବୃକ୍ଷ ଓ ମସଲା ଜାତୀୟ ବୃକ୍ଷର ଚାରା ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ଛାତ୍ରୀ ଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ, ବନ କର୍ମଚାରୀ ଓ ସାମାଜିକ କର୍ମୀ ମଧ ବିଦ୍ୟାଳୟ ବାହାରେ ଚାରାରୋପଣ କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ବାରିକଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ସୁଙ୍କି ବନବିଭାଗ ଅଧିକାରୀ ସୁକାନ୍ତ ବିଶ୍ୱାଳ ମୁଖ୍ୟଅତିଥି , ମୁଙ୍ଗାରଗୁମି ବନରକ୍ଷକ ପର୍ଶୁରାମ ଗୌଡ଼ , ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି କଣ୍ଡା ଜାନି, ସରପଞ୍ଚ, ସାମାଜିକ କର୍ମୀ ଓ ବିଶ୍ୱ ହିନ୍ଦୁପରିଷଦର ବିଭାଗ ସମ୍ପାଦକ ବଳରାମ ବାରିକ ଯୋଗ ଦେଇଥିଲେ। ନୂତନ ଜଙ୍ଗଲ ସୃଷ୍ଟି ଓ ପୁରାତନ ଜଙ୍ଗଲ ସୁରକ୍ଷା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରି ସମସ୍ତେ ନିଜନିଜ ଉଦ୍ୟମରେ ବହୁ ସଂଖ୍ୟାରେ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଶିକ୍ଷକ କେଶବ ପାତ୍ର , କୋମନା ସନ୍ତୋଷ, ମୋହନ ବାଙ୍କା ଓ ରମେଶ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ସୁକାନ୍ତ ମିଶ୍ର ଜଙ୍ଗଲ ସୃଷ୍ଟି ସହ ପୋଡୁଚାଷରୁ ନିବୃତ୍ତ ରହିବାକୁ ଶପଥ ପାଠ କରାଇ ଥିଲେ।



ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

# ରାସ୍ତା ତଳକୁ ଓଲଟିଲା ହାଇୱା

ଦଶମନ୍ତପୁର,୯।୭ (ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ଥିବା ପିରିମାଛି ଗ୍ରାମ ନିକଟରେ ଏକ ହାଇୱା(ଟିପ୍ପର) ରବିବାର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ରାୟଗଡା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ କୁଚେଇପଦର ପଞ୍ଚାୟତସ୍ଥିତ ନୂଆପଡ଼ା ପ୍ଲାଣ୍ଟରୁ ଟିପ୍ପର (ଓଡ଼ି୧୮ ଏଲ-୭୩୩୧)ଟି କୋରାପୁଟ ଜିଲାର ବୋରିଗୁମ୍ମା ବ୍ଲକକୁ ଆସୁଥିବା ବେଳେ ପିରିମାଛି ଗ୍ରାମ ନିକଟରେ ଭାରସାମ୍ୟ ହୋଇ ଓଲଟି ପଡିଥିଲା। ତେବେ ଟିପ୍ପର ଚାଳକ ଓ ହେଲପରଙ୍କ କିଛି କ୍ଷତି ହୋଇନାହିଁ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଚାଳକ ଫେରାର ହୋଇ ଯାଇଛନ୍ତି।

# ନାଲ୍କୋ ବିଶୋଧନାଗାର ଗୃହ ଭିତରୁ ଯୁବକଙ୍କ ମୃତଦେହ ଜବତ

ଲକ୍ଷ୍ମୀପୁର, ୯।୭ (ଅନନ୍ତ ନାୟକ)

କୋରାପୁଟ ଜିଲା ଦାମନଯୋଡି ନାଲକୋ ବିଶୋଧନାଗାରର ଏଙ୍ଗଲଷ୍ଟେସନ ଗୃହ ଭିତରୁ ଜଣେ ଯୁବକଙ୍କ ମୃତଦେହ ରବିବାର ଜବତ ହୋଇଛି। ଯୁବକ ଜଣକ ବେକରେ ରଶି ବାନ୍ଧି ଝୁଲନ୍ତା ଅବସ୍ଥାରେ ଥିଲେ। ଏନେଇ ନାଲ୍କୋ କର୍ତ୍ତୃପକ୍ଷ ଦାମନଯୋଡି ପୋଲିସକୁ ଖବର ଦେବାରୁ ଘଟଣା ସ୍ଥଳରେ ଆଇଆଇସି ଗୌରହରି ସାହୁ, ଏସ୍ଆଇ ଦୀପକ ପଣ୍ଡା, ଏଏସଆଇ ଅନ୍ୱେଶ ଚନ୍ଦ୍ର ମାଳି ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ କେସ୍ ନଂ. ୯/୨୩ରେ ଏକ ମାମଲା ରୁଜୁ ହୋଇଛି। ମୃତ ଯୁବକ ଜଣକ ସ୍ଥାନୀୟ ଦାମନଯୋଡ଼ି କଲୋନୀର ସ୍ୱର୍ଗତ ଡମ୍ବୁ ଭୋଇଙ୍କ ପୁଅ କୃଷ୍ଣଚନ୍ଦ୍ର ଭୋଇ (୩୨) ବୋଲି ଜଣାପଡିଛି।

କୃଷ୍ଣଚନ୍ଦ୍ର ଏସ୍‌ବି ଇଞ୍ଜିନିୟରିଂ ଅଧୀନରେ ବେଲ୍ଟ ମେଣ୍ଟାନାନ୍ସ ବିଭାଗରେ କାମ କରନ୍ତି। ସେ ସପ୍ତାହରେ ତିନିଦିନ ପ୍ଲାଣ୍ଟ ଅଧୀନରେ ଏବଂ ଆଉ ତିନିଦିନ ନାଲ୍କୋ ପଞ୍ଚପଟମାଳି ଖଣି ଅଞ୍ଚଳରେ କାମ କରନ୍ତି। ରବିବାର କୃଷ୍ଣଚନ୍ଦ୍ରଙ୍କ ଡିଉଟି ନ ଥିଲା। ସେ କିପରି ସିଆଇଏସଏଫ୍ ମୁଖ୍ୟ ଫାଟକ ଦେଇପ୍ଲାଣ୍ଟ ଭିତରେ ପ୍ରବେଶ କରି ଆତ୍ମହତ୍ୟା କଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ହତ୍ୟା କି ଆତ୍ମହତ୍ୟା ସେନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ନାଲ୍କୋ ମାଇନ୍ସ ଠିକା ଦାର କର୍ମଚାରୀ ସଂଘ କୃଷ୍ଣଚନ୍ଦ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଛନ୍ତି। ଫଳରେ ମୁଖ୍ୟଫାଟକ ସମ୍ମୁଖରେ ବହୁ ସମୟ ଧରି ଚପା ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ ନାଲ୍କୋ ଡିଜିଏମ ପ୍ରସନ୍ନ ସାହୁ, ଏଚଆରଡି ଆସିଷ୍ଟାଣ୍ଟ ଜିଏମ୍ ରାଜେଶ୍ ପାତ୍ର, ସିନିୟର ମ୍ୟାନେଜର(ପ୍ଲାଣ୍ଟ) ଆଶିଷ ସାହୁ, ଡିଜିଏମ ସିଆଣ୍ଡସି ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ। ଫଳରେ ପରିସ୍ଥିତି ଶାନ୍ତ ପଡିଥିଲା।

# ପୁରାତନ ପୋଖରୀର ପୁନରୁଦ୍ଧାର ଦାବି

ମୁନିଗୁଡ଼ା,୯।୭(ରାଧେଶ୍ୟାମ ଅଗ୍ରୱାଲ)

ସରକାର ଲୋକଙ୍କ କଲ୍ୟାଣପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଅନେକ ସମୟରେ ପ୍ରଶାସନିକ ସ୍ଥାଣୁତା ପାଇଁ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିପାରୁନି। ଏବେ ସରକାର ମୋ ପୋଖରୀ ଯୋଜନାକୁ ଗୁରୁତ୍ୱ ଦେଇ ପୁରାତନ ପୋଖରୀର ପୁନରୁଦ୍ଧାର କରୁଛନ୍ତି। ଆଗାମୀ ଦିନରେ ନୂଆ ପୋଖରୀ ନିର୍ମାଣ ସହ ପୁରୁଣା ପୋଖରୀର ପୁନରୁଦ୍ଧାର କରି ସେଗୁଡିକୁ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କୁ ପରିଚାଳନା ପାଇଁ ଯୋଗାଇ ଦିଆଯିବ। ଫଳରେ ଗ୍ରାମୀଣ ଅର୍ଥନୀତିରେ ପରିବର୍ତ୍ତନ ଆସିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏବେ ସହରୀକରଣରେ ଛନ୍ଦି ହୋଇ ଅନେକ ପୋଖରୀ ପୋତାଯାଉଛି। ଅନେକ ପୋଖରୀ ଆବର୍ଜନା କୁଣ୍ଡରେ ପରିଣତ ହେବାକୁ ବସିଲାଣି। ଏପରି ଏକ ପୁରୁଣା ପୋଖରୀ ମୁନିଗୁଡ଼ା ପାଇକାସାହି ନିକଟସ୍ଥ ମଙ୍ଗଳା ମନ୍ଦିର ସମ୍ମୁଖରେ ରହିଛି। ସମୟ ଥିଲା ଏହି ପୋଖରୀ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ମେଣ୍ଟାଉଥିଲା। ଏବେ ଏହି ପୁରାତନ ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହାକୁ ଆବର୍ଜନାର ଡମ୍ପିଂ ସେଡ୍‌ରେ ପରିଣତ କରାଯାଇଛି। ସୂଚନାଯୋଗ୍ୟ, ପ୍ରାୟ ୪୫ ବର୍ଷ ତଳେ ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁନିଗୁଡ଼ାର ଧନୁର୍ଜୟ ମାର୍ଥା, ରାମଚନ୍ଦ୍ର ମାର୍ଥା, ନୀଳାମ୍ବର ବେହେରା ଓ ସୁଭଦ୍ରା ମାଦଳା ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ଏହି ପୋଖରୀ ନିର୍ମାଣ କରିଥିଲେ। ଏଥିପାଇଁ ୨ ଏକର ଜମି ଦେଇଥିଲେ। ସରକାର ଏହି ପୁରୁଣା ପୋଖରୀର ପୁନରୁଦ୍ଧାର ପାଇଁ ଦୃଷ୍ଟି ଦେବାକୁ ଦାବି ହେଉଛି।

# ନବରଙ୍ଗପୁରରେ ୯୬୭ ପ୍ରାଥମିକ ଶିକ୍ଷକ ପଦବୀ ଖାଲି

### ୫ ବର୍ଷ ହେବ ନୂଆ ନିଯୁକ୍ତି ନାହିଁ

ନବରଙ୍ଗପୁର,୯।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଗତ ୫ ବର୍ଷ ହେବ ପ୍ରାଥମିକ ଶିକ୍ଷକ ପଦବୀ ପୂରଣ ହୋଇପାରୁନି। ଜିଲାରେ ୯୬୭ ପ୍ରାଥମିକ ଶିକ୍ଷକ ପଦବୀ ଖାଲି ପଡିଛି। ଜିଲାରେ ୧୧୦୫ ପ୍ରାଥମିକ ଓ ୫୮୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏପରି ୧୬୮୫ ଗୋଟି ବିଦ୍ୟାଳୟ ରହିଛି। ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୦ ପିଲାକୁ ଜଣେ ଶିକ୍ଷକ ଅନୁପାତରେ ଶିକ୍ଷକ ନିୟୋଜିତ ରହିବା କଥା। ପ୍ରତି ବିଦ୍ୟାଳୟରେ ଅତି କମରେ ୨ ଜଣ ଶିକ୍ଷକ ରହିବେ। ସେହିପରି ଭାବେ ୧୫୦ରୁ ଅଧିକ ରହିଲେ ଜଣେ ପ୍ରଧାନଶିକ୍ଷକ ଅଧିକା ରହିବେ। ସ୍କୁଲର ପିଲା ସଂଖ୍ୟା ୨୦୦ ରୁ ଅଧିକ ହେଲେ ୪୦ ପିଲାରେ ଜଣେ ୧ ଶିକ୍ଷକ ନିୟୋଜିତ ରହିବେ। ଉଚ୍ଚ ପ୍ରାଥମିକ ୬ଷ୍ଠ ରୁ ୮ମ ଥିବା ବିଦ୍ୟାଳୟରେ ୧୦୫ରୁ ଅଧିକା ପିଲା ରହିଥିଲେ ୩୫ ପିଲାକୁ ୧ ଅନୁପାତରେ ଶିକ୍ଷକ ନିୟୋଜିତ ରହିବେ। ଜିଲାରେ ପ୍ରଥମ ଶ୍ରେଣୀରେ ୨୬,୨୮୯ ଜଣ ଛାତ୍ରଛାତ୍ରୀ ଥିବା ବେଳେ ୨ୟରେ ୨୫,୨୧୮, ୩ୟରେ ୨୭,୬୧୪, ୪ର୍ଥରେ ୨୬,୮୨୯, ୫ମରେ ୨୬,୭୬୧, ୬ଷ୍ଠରେ ୨୬,୫୭୩, ୭ମ ରେ ୨୮,୦୮୬ ଓ ୮ମ ଶ୍ରେଣୀରେ ୨୫୬୧୯ ଏହି ପରି ଭାବେ ମୋଟ ୨୧୨୯୫୩ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେହିପରି ଭାବେ ୯ମ ଓ ୧୦ମରେ ୩୬, ୨୩୮ ଜଣ ପିଲା ପଢୁଛନ୍ତି। ନବରଙ୍ଗପୁର ଜିଲାରେ ଥିବା ବିଦ୍ୟାଳୟରେ ପିଲା ସଂଖ୍ୟାକୁ ଦୃଷ୍ଟି ଦେଲେ ଜିଲାରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୬୮୩୬ ଜଣ ଶିକ୍ଷକ ଆବଶ୍ୟକ ଅଛନ୍ତି। ୫୯୬୮ ଜଣ ଶିକ୍ଷକ ନିୟୋଜିତ ରହିଛନ୍ତି। ଏବେ ବି ୯୬୩ ଶିକ୍ଷକ ପଦବୀ ଖାଲି ପଡିଛି। ଅନ୍ୟ ଦିଗରେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ୨୦୧୮ରୁ ନୂତନ ପ୍ରାଥମିକ ଶିକ୍ଷକ ନିଯୁକ୍ତି ଦେଇନାହାନ୍ତି। ଏପଟେ ଶିକ୍ଷକ ଅଭାବ ଥିବାବେଳେ ଶିକ୍ଷକମାନଙ୍କୁ ବିଭିନ୍ନ ଅଣଶିକ୍ଷଣୀୟ କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ବିଦ୍ୟାଳୟରେ ଶିକ୍ଷା ଦାନରେ ବ୍ୟାଘାତ ହେଉଥିବା ନେଇ ଅଭିଯୋଗ ହେଉଛି। କେବଳ ପ୍ରାଥମିକ ଶିକ୍ଷକ ନୁହନ୍ତି ଉଚ୍ଚ ବିଦ୍ୟାଳୟରେ ବି ସମାନ ଅବସ୍ଥା। ସରକାରୀ ସ୍କୁଲଗୁଡିକରେ ଗୁଣାତ୍ମକ ଶିକ୍ଷା ପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି। ସ୍କୁଲଗୁଡିକରେ ଶିକ୍ଷକ ଅଭାବ ରହିଲେ ଗୁଣାତ୍ମକ ଶିକ୍ଷା କିପରି ହେବ ବୋଲି ଅଭିଭାବକମାନେ କହିଛନ୍ତି।

# ଜିଲାର ସବୁ ବିଧାନସଭା, ଏମ୍‌ପି ଆସନ ବିଜେଡି ନେବ: ଝିନ

### ନୂଆ ଜିଲା ସଭାପତି, ରାଜ୍ୟ ସାଧାରଣ ସମ୍ପାଦକଙ୍କ ସହ ଜିଲା କାର୍ଯ୍ୟକାରୀ ସଭାପତିଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୯।୭(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହଠାରେ ରବିବାର ଜିଲା ବିଜୁ ଜନତା ଦଳର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲଙ୍କ ଅଧକ୍ଷତାରେ ହୋଇଥିବା ଏହି ସମ୍ବର୍ଦ୍ଧନା ସଭାରେ ବିଜେଡିର ନୂତନ ରାଜ୍ୟ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ନୂତନ ଜିଲା ବିଜେଡି ସଭାପତି ଝିନ ହିକକା ଏବଂ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଗୁପ୍ତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ନୂତନ ଜିଲା ସଭାପତି ତଥା ପୂର୍ବତନ କୋରାପୁଟ ଏମ୍‌ପି ଝିନ ହିକକା ଯୋଗଦେଇ ଜିଲାରେ ବିଜେଡିର ସମସ୍ତ ନେତା ଓ କର୍ମୀ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ୨୦୨୪ ସାଧାରଣ ନିର୍ବାଚନରେ କୋରାପୁଟ ଜିଲାର ଏକମାତ୍ର ସଂସଦୀୟ ଆସନ ଏବଂ ୫ଟି ବିଧାନସଭା ଆସନ ବିଜେଡି ଜିତିବ। ନୂତନ ରାଜ୍ୟ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ କହିଲେ, ଅବିଭକ୍ତ କୋରାପୁଟ ଜିଲାରେ ବିଜେଡି ସ୍ଥିତି ଆହୁରି ମଜଭୁତ ହେବା ନେଇ ସେ କାର୍ଯ୍ୟ କରିବେ। ସେହିପରି ନୂତନ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଗୁପ୍ତା କହିଲେ, ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜିଲାର ସମସ୍ତ ୨୪୦ ପଞ୍ଚାୟତର ଲୋକଙ୍କୁ ଅବଗତ କରାଯିବ। ଦଳର ବରିଷ୍ଠ ନେତାମାନଙ୍କ ଅଭିଜ୍ଞତା ଓ କର୍ମୀଙ୍କ ସହଯୋଗ ରେ ଜିଲାରେ ବିଜେଡିର ଭିତିଭୂମି ଆହୁରି ମଜଭୁତ କରିବୁ ବୋଲି ଗୁପ୍ତା କହିଥିଲେ। ବିଧାୟକ ପଡାଲ କହିଲେ କୋରାପୁଟ ଜିଲା ପାଇଁ ନବନିଯୁକ୍ତ ଜିଲା ସଭାପତି, କାର୍ଯ୍ୟକାରୀ ସଭାପତି ଓ ରାଜ୍ୟ ସାଧାରଣ ସମ୍ପାଦକଙ୍କ ଦ୍ୱାରା ଲୋକ କଲ୍ୟାଣ ଯୋଜନାର ସୁଫଳତା ଅଧିକ ପ୍ରସାରିତ ହୋଇପାରିବ। ଏହା ବିଜେଡିର ଶକ୍ତି ବୃଦ୍ଧି କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସଭାରେ କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, କୈଳାସ କୁଲେସିକା, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଚନ୍ଦ୍ରଶେଖର ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ,କୋରାପୁଟ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, କୈଶଲ୍ୟା ହିକକା, ବରିଷ୍ଠ ନେତା ରଘୁରାମ ମାଛ, ନାରାୟଣ ବିଷୋୟୀ ଉପସ୍ଥିତ ଥିଲେ। ଜିଲା ସଭାପତି ଉତ୍କଳ ରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନଗର ସଭାପତି ସୁରେଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଚୋରି କରିବାକୁ ଆସି ବିଫଳ ହେଲେ ଚୋର

ମାଥିଲି,୯।୭(ସୁବାସ ଚନ୍ଦ୍ର ଖୁଡୁପିଆ)- ମାଲକାନଗିରି ଜିଲା ମାଥିଲି ଗାନ୍ଧୀ ଛକରେ ଥିବା ମୋବାଇଲ ଦୋକାନରେ ଶନିବାର ରାତିରେ ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ଦୋକାନ ଶଟର ଦୁଇ ପଟରୁ ଗୋଟିଏ ପାର୍ଶ୍ୱ ତାଲା କଟରରେ କାଟି ଦେଇଥିଲେ । ଅନ୍ୟ ପାର୍ଶ୍ୱ ତାଲାକୁ କୌଣସି କାରଣରୁ କାଟି ନ ପାରିବାରୁ ଚୋରିରୁ ବିଫଳ ହୋଇଥିଲେ । କିଛି ଦିନ ପୂର୍ବେ ଏକ ସୁନା ଦୋକାନକୁ ଟାର୍ଗେଟ କରି ତାଲା ଭାଙ୍ଗିବା ସମୟରେ ପୋଲିସ ପହଞ୍ଚି ଯାଇଥିଲା। ଫଳରେ ଚୋର ଚମ୍ପଟ ମାରିଥିଲେ ।

### ବରିଷ୍ଠ ନାଗରିକଙ୍କ ଆତ୍ମହତ୍ୟା

ମାଲକାନଗିରି,୯।୭(ନୃସିଂହ ଚରଣ ମହାନ୍ତି/ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରି ସଦର ମହକୁମା ବ୍ଲକ କଲୋନୀଠାରେ ଜଣେ ବରିଷ୍ଠ ନାଗରିକ ବେକରେ ଦଉଡି ବାନ୍ଧି ରବିବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଡି. ଗଗନ ମୋହନ ରାଓ(୬୩)। ପଡୋଶୀ ଲୋକେ ବହୁ ସମୟ ଧରି ତାଙ୍କ ଘର କବାଟ ବନ୍ଦ ଥିବାରୁ ସନ୍ଦେହ କରି କବାଟ ଫାଙ୍କରେ ଦେଖିଥିଲେ। ସେ ସମୟରେ ଗଗନମୋହନ ଘରର ଓରାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବାରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗଗନ ମୋହନଙ୍କ ପରିବାର ଲୋକେ କେହି ସେଠାରେ ରହୁ ନ ଥିବାରୁ କେଉଁ କାରଣରୁ ସେ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଲେ ତାହା ଜଣାପଡିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଗଗନ ମୋହନ ପେଶାରେ ଜଣେ ଡ୍ରାଇଭର ବୋଲି ଜଣାପଡିଛି।

# ୩ ନଂ. ୱାର୍ଡ ବାସିନ୍ଦା ପାଇଲେ ପଟ୍ଟା

## ସଫଳ ହେଲା ୧୪ ମାସର ଆନ୍ଦୋଳନ

ମାଲକାନଗିରି,୯।୭(ଦୁର୍ଯ୍ୟୋଧନ ପାତ୍ର)


ଅତିଥିଙ୍କ ସହ ପଟ୍ଟା ପାଇଥିବା ହିତାଧିକାରୀମାନେ ।

ମାଲକାନଗିରି ଜିଲା ସଦର ମହକୁମା ପୌର ପରିଷଦ ୩ ନଂ ୱାର୍ଡ ବାସିନ୍ଦାଙ୍କ ୧୪ ମାସର ଆନ୍ଦୋଳନ ସଫଳ ହୋଇଛି। ଏହି ୱାର୍ଡରେ ବାସ କରୁଥିବା ଜନସାଧାରଣଙ୍କୁ ରବିବାର ପଟ୍ଟା ପ୍ରଦାନ କରାଯାଇଛି। ତଥ୍ୟ ମୁତାବକ ୨୦୨୨ ଏପ୍ରିଲ ମାସରୁ ୩ ନଂ ୱାର୍ଡ ବାସିନ୍ଦା ପଟ୍ଟା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆନ୍ଦୋଳନ କରିଥିଲେ। ୧୪ ମାସ ହେଲା ଏହି ୱାର୍ଡ ବାସିନ୍ଦା ଶାନ୍ତି ପୂର୍ଣ ଆନ୍ଦୋଳନ କରି ଆସୁଥିଲେ। ଇତି ମଧ୍ୟରେ ବହୁ ନେତା, ପ୍ରଶାସିକ ଅଧିକାରୀ ଆନ୍ଦୋଳନ ସ୍ଥଳକୁ ଯାଇ ପଟ୍ଟା ପ୍ରଦାନ ନିମନ୍ତେ ବିଭିନ୍ନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ୱାର୍ଡ ବାସୀ ଆନ୍ଦୋଳନରୁ ନ ଓହରି ଆନ୍ଦୋଳନ ଜାରି ରଖିଥିଲେ। ଗତ କିଛିମାସ ପୂର୍ବେ ପ୍ରଶାସନ ତରଫରୁ ୱାର୍ଡ ନଂ. ୩ରେ ସର୍ଭେ କାର୍ଯ୍ୟ କରିଥିବା ବେଳେ ସମସ୍ତଙ୍କ ନାମ ତାଲିକା ପ୍ରସ୍ତୁତ କରିଥିଲେ। ଏହି ପରିପ୍ରେକ୍ଷୀରେ ୱାର୍ଡ ନଂ. ୩ରେ ୨୭୨ ଜଣଙ୍କୁ ପଟ୍ଟା ମିଳିବାକୁ ଥିବା ବେଳେ ରବିବାର ପ୍ରଥମ ପର୍ଯ୍ୟାୟରେ ୫୦ ଜଣଙ୍କୁ ପଟ୍ଟା ଦିଆଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ମାଝି ମାଲକାନଗିରିରେ ବାସିନ୍ଦାମାନଙ୍କୁ ପଟ୍ଟା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ପୂର୍ବତନ ବିଧାୟକ ମାନସ ମାଡକାମି, ତହସିଲଦାର ସୟଦ ସଜିର ସାହା, ଅତିରିକ୍ତ ତହସିଲଦାର ଜଗଦୀଶ କାର୍ତ୍ତାମୀ ଓ ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକଙ୍କ ସହ ଅନ୍ୟାନ୍ୟ କର୍ମି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ଅର୍ଥ ଅଭାବ, ଉଚ୍ଚଶିକ୍ଷାରୁ ବଞ୍ଚିତ ମେଧାବୀ ଛାତ୍ରୀ

ମାଥିଲି, ୯।୭(ସୁବାସ ଚନ୍ଦ୍ର ଖୁଡୁପିଆ)


ସୁମିତ୍ରା ନାୟକ

ପରଘରେ ମୂଲ ଲାଗିଲେ ପୂରୁଛି ପେଟ। ଉଚ୍ଚ ଶିକ୍ଷା ପାଇଁ ଟଙ୍କା ନାହିଁ। ଇଚ୍ଛାଥିଲେ ବି ପାଠ ପଢ଼ାରେ ଡୋରି ବନ୍ଧା ହୋଇଛି। କୌଣସି ଉପାୟ ନ ପାଇ ଅଧାରୁ ପାଠ ଛାଡ଼ିବାକୁ ମନସ୍ଥ କରିଛନ୍ତି ଜଣେ ବାପ ମାଆ ଛେଉଣ୍ଡ ମେଧାବୀ ଛାତ୍ରୀ । ସେ ହେଲେ ମାଥିଲି ସଦର ପଞ୍ଚାୟତ ଝୁଲୁନି ବାହାଲ ଗାଁର ସୁମିତ୍ରା ନାୟକ । ସୁମିତ୍ରା ପିଲାଦିନରୁ ହିଁ ବାପା ଦେବା ନାୟକ ଓ ମାଆ ସୋନା ଦେଇଙ୍କୁ ହରାଇଛନ୍ତି । ଅଭାବୀ ପରିବାର ମୂଲ ଲାଗିଲେ ଚୁଲି ଜଳୁଛି । ବାପାଙ୍କୁ ହରାଇବା ପରେ ବୁଢ଼ୀ ମା' ଡମୁନି ତାଙ୍କୁ ଛୋଟରୁ ବଡ଼ କରିଛନ୍ତି। ପାଠ ପଢାରେ ଆଗ୍ରହ ଦେଖି ତାଙ୍କୁ ମାଟ୍ରିକ ପର୍ଯ୍ୟନ୍ତ ପଢାଇଛନ୍ତି । ଗତବର୍ଷ ସ୍ଥାନୀୟ ସରକାରୀ ଜାତି ଓ ଜନ ଜାତି ହଷ୍ଟେଲରେ ରହି ସରକାରୀ ହାଇସ୍କୁଲରୁ ସୁମିତ୍ରା ମାଟ୍ରିକ ପାସ କରିଛନ୍ତି। ୬୦୦ରୁ ୪୫୬ ଅର୍ଥାତ୍ ୭୬% ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ମାଆ ଡମୁନିଙ୍କ ବୟସ ଏବେ ୭୦ବର୍ଷରୁ ଉର୍ଦ୍ଧ୍ୱ । ବୟସ ଅଧିକ ହେବାରୁ ମୂଲ ଲାଗିବାକୁ ବଳ ପାଉନି। ନାତୁଣୀଙ୍କୁ ଉଚ୍ଚ ଶିକ୍ଷା ଦେବା ଲାଗି ଆବଶ୍ୟକ ଟଙ୍କା ଯୋଗାଡ଼ କରି ପାରିବେନି ବୋଲି କହିଛନ୍ତି। ସୁମିତ୍ରା ଯୁକ୍ତ ୨ ପଢିବାକୁ ଚାହିଁଛନ୍ତି, ଅଥଚ ଟଙ୍କା ନ ଥିବାରୁ ତାଙ୍କ ମନୋବଳ ଭାଙ୍ଗି ପଡିଛି। କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଯଦି ସୁମିତ୍ରାଙ୍କ ଦାୟିତ୍ୱ ନିଅନ୍ତେ ତା ହେଲେ ମେଧାବୀ ଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରନ୍ତା ବୋଲି କଂଗ୍ରେସ ନେତା ଶରତ କୁମାର ବୁରୁଦା କହିଛନ୍ତି। ଯଦି ସ୍ଥାନୀୟ ପ୍ରଶାସନ ଦାୟିତ୍ୱ ନ ନିଅନ୍ତି, ତେବେ ମୁଁ ସୁମିତ୍ରାଙ୍କ ସବୁ ଦାୟିତ୍ୱ ନେବି ବୋଲି ଶରତ ଗଣମାଧ୍ୟମକୁ ଜଣାଇଛନ୍ତି । ଏ ସମ୍ପର୍କରେ ମାଥିଲି ବିଡିଓ ହୃଷୀକେଶ ଗଣ୍ଡଙ୍କୁ ପଚାରିବାରୁ ଏ ବିଷୟରେ ଆମେ ଜାଣିନାହୁଁ। ଆମେ ତାଙ୍କ ବିଷୟରେ ବୁଝିବୁ ବୋଲି କହିଥିଲେ।

# ସ୍ୱଳ୍ପ ବର୍ଷାରୁ ଗଜାମରୁଡ଼ି ପରିସ୍ଥିତି

ଚନ୍ଦାହାଣ୍ଡି, ୯।୭(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ଚାଷୀମାନେ ଚାଷ ପାଇଁ ସାଧାରଣତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି। ହେଲେ ଚଳିତ ବର୍ଷ ବ୍ଲକରେ ନିଅଣ୍ଟିଆ ବର୍ଷାଯୋଗୁଁ ଚାଷ କାମ ପଛାଉଛି। ଚଳିତବର୍ଷ ମୌସୁମୀ ସହ ଲଘୁଚାପ ବର୍ଷା ମଧ୍ୟ ଉଭେଇ ଯାଇଛି। ଆକାଶରେ କଳାମେଘ ଘୋଟୁଛି କିନ୍ତୁ ବର୍ଷା ହେଉନି। ଯାହାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ସ୍ୱଳ୍ପ ବର୍ଷା ଯୋଗୁ ଧାନ ବୁଣା, ତଳିପକା, ରୁଆ କାମହୋଇପାରିନି। ଧାନ ରୋଇବା, କାଦୁଅ କରିବା ପାଇଁ ଆବଶ୍ୟକ ପାଣିର ଅଭାବ ରହିଛି। ବ୍ଲକରେ ଜଳସେଚନର ବ୍ୟବସ୍ଥାନାହିଁ। ବ୍ଲକରେ ଥିବା ଏକମାତ୍ର କ୍ଷୁଦ୍ର ଫୁଲଝରି ଡ୍ୟାମରୁ କେତେକ ପଞ୍ଚାୟତର ଚାଷୀ ପାଣି ନେଇ ଚାଷ କାର୍ଯ୍ୟ କରି ଉପକୃତ ହେଉଥିଲେ। ମରାମତି ଅଭାବରୁ ଏବେ ସେଥିରୁ ଜମିକୁ ପାଣି ପହଞ୍ଚି ପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ବ୍ଲକରେ ସର୍ବମୋଟ ୨୨, ୮୩୦ ହେକ୍ଟର ଚାଷଜମି ରହିଛି। ସେଥିମଧ୍ୟରୁ ଧାନ ଜମି ୬୯୦୦ ହେକ୍ଟରରୁ ୮୦୦ହେକ୍ଟର ଓ ଡଙ୍ଗର ଜମି ୧୫, ୯୩୦ହେକ୍ଟର ମଧ୍ୟରୁ ୧୫୦୦ହେକ୍ଟରରେ ଚଳିତ ବର୍ଷ ଖରିଫ ଚାଷ ହୋଇଥିବା କୃଷି ଅଧିକାରୀ ଗଜାନନ ସାହୁ ସୂଚନା ଦେଇଛନ୍ତି। ବର୍ଷା ଅଭାବରୁ ବର୍ତ୍ତମାନ ସୁଦ୍ଧା ୧୦ଭାଗ ଜମି ଚାଷ ହୋଇଥିବା ବେଳେ ୯୦ଭାଗ ଚାଷ ଜମି ପଡ଼ିଆ ପଡିଛି। ଯେତିକି ଚାଷ ହୋଇଛି ତାହା ବି ବର୍ଷା ଅଭାବରୁ ମରୁଡି ହେବା ନେଇ ଆଶଙ୍କା ରହିଛି। ଶ୍ରାବଣ ମାସରେ ବୈଶାଖର ତାତି, ମୁଣ୍ଡଫଟା ଖରାରେ ବିଲର ଧାନ ଓ ତଳି ନଷ୍ଟ ହେବାକୁ ବସିଛି। ପାଣି ଅଭାବରୁ ବିଲରେ ମାଟି ଫାଟିବାକୁ ବସିଥିବା ଦେଖିବାକୁ ମିଳିଛି। ସାଧାରଣତଃ ଚାଷି ରଥଯାତ୍ରା ସମୟରେ ବିହିଡା କାମ ସରିବା କଥା। ମାତ୍ର ଚଳିତ ବର୍ଷ ବର୍ଷା ଅଭାବ ଯୋଗୁ ବ୍ଲକର ୯୦ଭାଗ ଚାଷ ଜମି ପ୍ରସ୍ତୁତ ହୋଇନଥିବା ଦେଖିବାକୁ ମିଳିଛି। ଆଗକୁ ଯଦି ବର୍ଷା ନ ହୁଏ ତାହେଲେ ବ୍ଲକରେ ମରୁଡି ଦେଖାଦେବା ନେଇ ଆଶଙ୍କା ରହିଛି। ନିର୍ବାଚନ ଆସିଲେ ଏଠାରେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନ ଅସ୍ତ୍ର ତେଲ ନଦୀ ଡ୍ୟାମର ସ୍ୱପ୍ନ ଦେଖାଇ ଲୋକଙ୍କ ଭୋଟ ହାତୁଚନ୍ତି। ନିର୍ବାଚନ ଜିତିଗଲା ପରେ ତାହା ଭୁଲିଯାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।

# ପରିବା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି


ପରିବା ବଜାର ।

ଚିତ୍ରକୋଣ୍ଡା, ୯।୭(କ୍ଷୀରୋଦ ବେହେରା)

ସପ୍ତାହକୁ ଥରେ ବସେ ଚିତ୍ରକୋଣ୍ଡାରେ ସାପ୍ତାହିକ ହାଟ । ଗଲା ଦୁଇ ସପ୍ତାହ ତଳେ ହାଟରେ ଯାହା ଥିଲା ପରିବା ଦର ତାହା ୧୦୦ଟଙ୍କାକୁ ବୃଦ୍ଧି ପାଇବା ସହ ଆକାଶଛୁଆଁ ହୋଇଛି, ଯାହାର ପ୍ରଭାବ ଖାଉଟିଙ୍କ ଉପରେ ପଡିଛି। ହାଟରେ ଟମାଟୋ କିଲୋପ୍ରତି ୧୨୦ ଟଙ୍କା ଥିବାବେଳେ ଫୁଲକୋବି କେଜି ୧୦୦, କାଙ୍କଡ଼ ୧୦୦, ସଜନା ଛୁଇଁ ୧୦୦, ଭେଣ୍ଡି ୬୦, ପୋଟଳ ୬୦, ବାଇଗଣ ୫୦, ସାରୁ ୬୦, କଞ୍ଚା କଦଳୀ ୫୦, କଖାରୁ କେଜି ୪୦, କାକୁଡି ୫୦, ବନ୍ଧା କୋବି କେଜି ୬୦, ଝୁଡୁଙ୍ଗ ୧୦୦, ବିନ୍‌ସ ୧୪୦ ଟଙ୍କା ଓ କଞ୍ଚା ଲଙ୍କା କେଜି ୨ ଶହ ଟଙ୍କାରେ ବିକ୍ରି ହେଉଛି। ଏଇଭଳି ପରିବା ଦର ବୃଦ୍ଧି ଲୋକଙ୍କ ପେଟକୁ ନାତ ମାରିଛି। ସ୍ଥାନୀୟ ଅଚଳର ହାତ ଗଣତି ଚାଷୀ କେବଳ ବାଇଗଣ, ଅମୃତ ଭଣ୍ଡା ଓ ଶାଗ ଟିକେ ଧରି ଆସୁଛନ୍ତି। ସରକାର ଚାଷୀଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ, ଏଠି ପାଖରେ ଚାଷ ଜମି ମହଜୁଦ ଅଛି ସତ, ମାତ୍ର ଶୀତଳ ଭଣ୍ଡାର ସୁବିଧା ହେଲେ ଉତ୍ପାଦିତ ଫସଲ ସୁରକ୍ଷିତ ରହିପାରନ୍ତା ।

# ନିମ୍ନମାନର କାମକୁ ନେଇ ଲୋକେ ଅସନ୍ତୁଷ୍ଟ


ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ ।

ଚନ୍ଦ୍ରପୁର,୯।୭(ବିଜୟ ପ୍ରସାଦ ଉଲାକା)

## କାମ ନିକଟରେ ଲଗାଯାଇନାହିଁ ସୂଚନା ଫଳକ

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଟୁରିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚଳିତ ବର୍ଷ ନୂତନଭାବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ନିର୍ମାଣ କାମ ନିମ୍ନମାନର ହେଉଥିବାନେଇ ପଞ୍ଚାୟତବାସୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ୪ଟି ମାର୍କେଟ ବିଲ୍ଡିଂ ନୂତନଭାବେ ବ୍ଲକ ପକ୍ଷରୁ ନିର୍ମାଣ କରାଯାଉଛି। ଏହାର କାମ ନିମ୍ନମାନର କରାଯାଉଥିବା ବାରମ୍ବାର ଅଭିଯୋଗ ଆସୁଛି। ନିମ୍ନମାନର ପଥର, ମେଟାଲ, କଂକ୍ରିଟ ଦ୍ୱାରା ବର୍ତ୍ତମାନ ପ୍ଲିଥ କାମ ସରିଛି। ମେସିନାରୀ, କାମ ସମୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ରହିବାରୁ ମନଇଚ୍ଛା କାମ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଠିକ୍‌ଭାବେ ଲୁହା ଛଡ଼ ବନ୍ଧା ଯାଇନାହିଁ। ସିମେଣ୍ଟ ଆବଶ୍ୟକ ଅନୁଯାଇ ମିଶାଯାଇନାହିଁ ବୋଲି ବହୁ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଏ ପରିକି ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରତ୍ୟେକ କାମର ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଯାଇନାହିଁ। ଅଟକଳ ମୂଲ୍ୟ କେତେ, କେଉଁ ଯୋଜନାରେ ତାହା ନିର୍ମାଣ କରାଯାଉଛି ସେ ସବୁ ଜଣାପଡୁନାହିଁ। ନିମ୍ନମାନର କାମଗୁଡିକର ତଦନ୍ତ କରି ପଦେକ୍ଷେପ ନେବାକୁ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ କିଶାନ୍ତଙ୍କୁ ପଚାରିବାରୁ, ମୁଁ ଯାଇଥିଲି। ଯଦି ସେଠାରେ କିଛି ଅସୁବିଧା ଅଛି ତାହକୁ ବୁଝିବି ବୋଲି ସେ କହିଛନ୍ତି। ଜିଲାପାଳ ସ୍ୱତନ୍ତ୍ରଭାବେ ଉନ୍ନୟନ କାମର ତଦାରଖ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଚାରା ରୋପଣ, ପ୍ରତିଯୋଗିତା କରି ପାଳିଲେ ବନ ମହୋତ୍ସବ

ଚିତ୍ରକୋଣ୍ଡା, ୯।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟଠାରେ ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତ ଏବଂ ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଛି। ଆରଏସସି-୧୨ ନଂ. ବିଦ୍ୟାଳୟରେ ମଧ୍ୟ ଚାରାରୋପଣ ହୋଇଛି। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସେହିପରି ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନ ବଡ଼ପଦର ପଞ୍ଚାୟତର ବଡ଼ପଦର ଉଚ୍ଚ ବିଦ୍ୟାଳୟ ଠାରେ ୭୪ତମ ବନମହୋତ୍ସବ କାର୍ଯ୍ୟକ୍ରମ ହୋଇ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ୨ଶହ ଚାରା ବୃକ୍ଷରୋପଣ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଆମ ଗାଁ ଆମ ଜଙ୍ଗଲ' ଶୀର୍ଷକ ଏକ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ବଡ଼ପଦର ଉଚ୍ଚ ବିଦ୍ୟାଳୟ, ବଡ଼ପଡ଼ା ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଛାତ୍ର ମୋହନ ଗଲରୀ ପ୍ରଥମ, ମହାଦେବ ପୂଜାରୀ ଦ୍ୱିତୀୟ ଓ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସୁଭଦ୍ରା ସାହୁ ଓ ହୀରାବତୀ ଖିଲ ତୃତୀୟ ହୋଇଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ସମ୍ମାନିତ ଅତିଥି ରୂପେ ବଡ଼ପଡ଼ା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶତ୍ରୁଘନ ସ୍ୱାଇଁ, ସାରିଆପାଲି ବିଦ୍ୟାଳୟ ପ୍ରଧାନଶିକ୍ଷକ ଯତୀଶ ରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଆଗାମୀ ଦିନରେ ଉପାନ୍ତ ଅଞ୍ଚଳରେ ବହୁ ସଂଖ୍ୟାରେ ଚାରାରୋପଣ କରାଯାଇ ସେଗୁଡିକ ଯେପରି ବଞ୍ଚିରହିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ବନାଞ୍ଚଳ ଅଧିକାରୀ ନାୟକ କହିଥିଲେ। ସୂଚନାଯୋଗ୍ୟ, ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ ଗତ ୧ ତାରିଖରୁ ୭ଦିନ ଧରି ବନ ମହୋତ୍ସବ ପାଳିତ ହେଉଛି। ମୁକ୍ତାମ୍ବ, ଯନ୍ତ୍ରୀ, ଟେମ୍ପରାରି କଲୋନୀ, ବନଗୁରୁ କଲୋନୀ ବଡପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡପଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ଚିତ୍ରକୋଣ୍ଡା ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଆରଏସସ-୬ ନଂ. ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବୃକ୍ଷ ରୋପଣ କରାଯାଇଛି। କାର୍ଯ୍ୟକ୍ରମକୁ ବନପାଳ ମୃତ୍ୟୁଞ୍ଜୟ ସେଠୀ, ହରି ଖିଲ ଓ ବନରକ୍ଷୀ ସଞ୍ଜୟ ପରିଡ଼ା ପରିଚାଳନା କରିଥିଲେ।



ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଉଛି।

# ଲୁଟ୍ ମାମଲାରେ ଜଣେ ଗିରଫ

ଜୟପୁର, ୯।୭ ପବନ ପାଣିଗ୍ରାହୀ)

ଏକ ଲୁଟ୍ ମାମଲାରେ ଜୟପୁର ସଦରଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜୟପୁର ସମ୍ବାରତୋଟାର ଟି. ଭାସ୍କର (୨୧) । ଖବରରୁ ଜଣାପଡିଛି, ସମ୍ବାରତୋଟାର ଭାସ୍କର, ବିକ୍ରମନଗରର ଏଲ୍ ଅଖିଳ (୨୨) ଓ କ୍ରିଷ୍ଣା ନାୟକ (୧୯) ତିନି ଜଣ ଜୟପୁର-ବୈପାରିଗୁଡା ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ଲୁଟ୍ କରିବାକୁ ଯୋଜନା କରି ସେମାନେ ଦେଓଘାଟର ଅମିର ନାଗଙ୍କ ଘରେ ଥିବା ବାଇକ୍ ଚୋରିକରି ନେଇଯାଇଥିଲେ। ସେଠାରୁ ଆସି ଏହି ୩ଜଣ ପାତ୍ରପୁଟ ତ୍ରିନାଥ ମନ୍ଦିର ନିକଟରେ ଗଜପତି ଜିଲା ଅଡବାର ଥିବା ଜଣେ ଟ୍ରକ ଡ୍ରାଇଭର ସୁରେଶ ସାହୁ (୨୪) ଓ ହେଲପେର ପିଣ୍ଟୁ ସାହୁଙ୍କୁ ଛୁରି ଦେଖାଇ ଧମକଚମକ ଦେଇ ସେମାନଙ୍କଠାରୁ ୧୨ ହଜାର ଟଙ୍କା ଓ ମୋବାଇଲ ଚାର୍ଜର ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ସଦରଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ପୋଲିସ ଭାସ୍କର ଏଥିରେ ସମ୍ପୃକ୍ତ ଥିବା ଜାଣି ତାଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ରାସ୍ତାରେ ଗୋରୁ, ବଢୁଛି ଦୁର୍ଘଟଣା

ବାଲିମେଲା,୯।୭(ଶିବଦତ୍ତ ସାହୁ)

ବାଲିମେଲା ଏନ୍‌ଏସି ମୁଖ୍ୟ ରାସ୍ତା ଏବେ ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ରାସ୍ତା ଉପରେ ଗୋରୁ ପଲ ପଲ ହୋଇ ବୁଲୁ ଥିବାରୁ ଟ୍ରାଫିକ ସମସ୍ୟା ସହ ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିବା ଦେଖାଯାଉଛି। ପ୍ରଶାସନିକ ଅଧିକାରୀମାନେ ପ୍ରତିଦିନ ଏହା ଦେଖୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବାଲିମେଲା ସହର ସମେତ ଆଖପାଖ ଅଞ୍ଚଳର ଲୋକମାନେ ପ୍ରତିଦିନ ମୁଖ୍ୟରାସ୍ତା ଦେଇ ସହରରେ ଥିବା ବିଭିନ୍ନ ବ୍ୟାଙ୍କ, ଏନ୍‌ଏସି କାର୍ଯ୍ୟାଳୟ, ମେଡିକାଲ, ଜଳ ବିଦ୍ୟୁତ୍ କେନ୍ଦ୍ର, ପୋଟେରୁ ଜଳସେଚନ ବିଭାଗ କାର୍ଯ୍ୟାଳୟ, ପୋଷ୍ଟ ଅଫିସ, ବନ ବିଭାଗ କାର୍ଯ୍ୟାଳୟ, ଥାନା ଓ ପ୍ରାଣୀଧନ ଚିକିତ୍ସାଳୟ ସମେତ ସହରରେ ଥିବା ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଉଛନ୍ତି। ଅନ୍ୟ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ମଧ୍ୟ ଲୋକେ ପ୍ରତିଦିନ ବିଭିନ୍ନ କାର୍ଯ୍ୟ ନେଇ ଯାତାୟାତ କରୁଛନ୍ତି। ଏ ସମସ୍ତ ଅଞ୍ଚଳର ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଶତାଧିକ ଗୋରୁ ବୁଲୁଛନ୍ତି। ଆଉ କେତେକ ମୁଖ୍ୟ ଛକ ଓ ରାସ୍ତା ଉପରେ ପଲ ପଲ ହୋଇ ଶୋଇ ରହୁଛନ୍ତି। ଏଭଳି ସ୍ଥିତିରେ ଏ ସମସ୍ତ ସ୍ଥାନରେ ଆନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି। ବାଇକ୍ ଆରୋହୀମାନେ ମଧ୍ୟ ସୁରକ୍ଷିତ ମଣୁ ନାହାନ୍ତି। ଲୋକେ ବାରମ୍ବାର ଦାବୀ କଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ,ମାଲିକମାନେ କ୍ଷୀର ଦୁହିଁବା ପରେ ଗୋରୁଙ୍କୁ ରାସ୍ତାକୁ ଛାଡ଼ି ଦେଉଛନ୍ତି। କିଛି ମାସ ପୂର୍ବେ ବାଲିମେଲା ଏନଏସି କର୍ତ୍ତୃପକ୍ଷଙ୍କ ତରଫରୁ ଗୋରୁଙ୍କୁ ରାସ୍ତାରେ ନ ଛାଡ଼ିବାକୁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥିଲା। କିନ୍ତୁ ଏହାକୁ କେହି ମାନିଲେ ନାହିଁ। ନିୟମିତ ଭାବେ ଲୋକଙ୍କୁ ସ୍ଥାନୀୟ ପ୍ରସସାନ ପକ୍ଷରୁ ସଚେତନ କରାଯାଉ ନ ଥିବା ଏବଂ ଆଇନ ଅମାନ୍ୟ କରି ଗୋରୁଙ୍କୁ ରାସ୍ତାରେ ଛାଡୁଥିବା ମାଲିକମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ଅଞ୍ଚଳବାସୀ କହିଛନ୍ତି ।


ରାସ୍ତାରେ ବୁଲୁଥିବା ଗୋରୁ ।

# ସଫ୍ଟୱେରରେ ଦ୍ରୁତ ପରିବର୍ତ୍ତନ

ମାଲକାନଗିର,୯।୭ (ଦୁର୍ଯ୍ୟୋଧନ ପାତ୍ର)

- ରୋଗ ନିରୂପଣଠାରୁ ନିଦାନ ପର୍ଯ୍ୟନ୍ତ କରୁଛି ବିଶ୍ଳେଷଣ
- ପ୍ରଭାବିତ ହୋଇପାରେ ବିଭିନ୍ନ କମ୍ପାନୀ, ସ୍ୱାସ୍ଥ୍ୟ, ଶିକ୍ଷାକ୍ଷେତ୍ର




ବର୍ତ୍ତମାନ ଆଧୁନିକ ଯୁଗରେ ଡିଜିଟାଲ ମାଧ୍ୟମରେ ଅନେକ କାର୍ଯ୍ୟ ହୋଇପାରୁଛି। ଫଳରେ ପୂର୍ବରୁ ବ୍ୟବହୃତ ହେଉଥିବା ଅନେକ ସାମଗ୍ରୀ ବିଲୁପ୍ତ ହେବାକୁ ବସିଲାଣି। ଏହି ସାମଗ୍ରୀ ଉତ୍ପାଦନରେ ପ୍ରତିଷ୍ଠା ହୋଇଥିବା ଅନେକ କମ୍ପାନୀ କ୍ଷତି ସହୁଥିବା ବେଳେ ଏଥିରେ କାର୍ଯ୍ୟ କରୁଥିବା ଶ୍ରମିକ-କର୍ମଚାରୀ ସେମାନଙ୍କ ଜୀବିକା ହରାଉଛନ୍ତି। ଏହି ଏହି ପରିବର୍ତ୍ତନ ଆଗାମୀ ଦିନରେ ଗମ୍ଭୀର ସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ୧୯୯୮ରେ କୋଡାକ କମ୍ପାନୀ ପ୍ରତିଷ୍ଠା ହୋଇଥିଲା। ଏହି କମ୍ପାନୀ ଫଟୋ ପେପର ବ୍ୟବସାୟରେ ସମଗ୍ର ବିଶ୍ୱରେ ୮୫ ପ୍ରତିଶତ କାରବାର ନିଜ ନିୟନ୍ତ୍ରଣରେ ରଖିଥିଲା। କମ୍ପାନୀରେ ୧ ଲକ୍ଷ ୭୦ ହଜାର କର୍ମଚାରୀ କାର୍ଯ୍ୟ କରୁଥିଲେ। ମାତ୍ର ଅଳ୍ପ କିଛି ବର୍ଷ ମଧ୍ୟରେ ଡିଜିଟାଲ ଫଟୋଗ୍ରାଫି ଆସିଯିବାରୁ ଏହା ଫଟୋ ବଜାରକୁ ଅକ୍ତିଆର କରିଥିଲା। କୋଡାକ କମ୍ପାନୀ ଦେବାଳିଆ ହୋଇ ଏଥିରେ କାର୍ଯ୍ୟରତ କର୍ମଚାରୀ ନିଜ ବୃତ୍ତି ହରାଇଥିଲେ।

ସେହିପରି ଏଚ୍‌ଏମ୍‌ଟି ଘଡି, ବାଜାଜ ସ୍କୁଟର, ଡାଇନରା, କୋଣାର୍କ, ଫିଲିପସ୍, ମର୍ଫି ଓ ବୁସ୍ ରେଡିଓ, ନୋକିଆ ମୋବାଇଲ ଫୋନ, ରାଜଦୁତ ମୋଟର ସାଇକେଲ ଏବଂ ୟେଜଦି ମୋଟର ସାଇକେଲ, ଆମ୍ବାସାଡର କାର ଆଦି ଉତ୍ପାଦନର ଗୁଣବତାରେ କିଛି କମ୍ ନ ଥିଲା। ତଥାପି ସେମାନେ ପ୍ରତିଯୋଗିତାମୂଳକ ବଜାରରେ ତିଷ୍ଠି ପାରିଲେ ନାହିଁ। ଏହାର କାରଣ ସ୍ୱରୂପ ସେମାନେ ସମୟ ସହିତ ତାଳ ଦେଇ ଚାଲିଲେ ନାହିଁ ଅବା ନିଜକୁ ପରିବର୍ତ୍ତନ କରିପାରିଲେ ନାହିଁ ବୋଲି କୁହାଯାଉଛି। ଦିନକୁ ଦିନ ନୂଆ ରୂପରେ ଉଭା ହେଉଥିବା ଉତ୍ପାଦଗୁଡିକ ମଧ୍ୟରୁ ବିଶ୍ୱରେ ଏବେ ଚାଲୁଥିବା ବଜାର ବ୍ୟବସ୍ଥାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଶିଳ୍ପଗୁଡିକରୁ ପ୍ରାୟ ୭୦ରୁ ୯୦ ପ୍ରତିଶତ ଶିଳ୍ପ ବନ୍ଦ ହୋଇଯିବ ବୋଲି ଆକଳନ କରାଯାଉଛି।

ଏବେ ଉବେର କେବଳ ଗୋଟିଏ ସଫ୍ଟୱେର୍ କମ୍ପାନୀ। ନିଜର ଗୋଟିଏ କାର ନ ଥିଲେ ମଧ୍ୟ ଏହି କମ୍ପାନୀ ଦୁନିଆର ସବୁଠାରୁ ବଡ ଟାକ୍ସି କମ୍ପାନୀ । ସେହିପରି ଏୟାର ବିଏନବି ହେଉଛି ବିଶ୍ୱର ସବୁଠାରୁ ବଡ଼ ହୋଟେଲ କମ୍ପାନୀ। ଯଦିଓ ସେମାନଙ୍କର ଗୋଟିଏ ମଧ୍ୟ ନିଜସ୍ୱ ହୋଟେଲ ନାହିଁ। ସେହିପରି ପେଟିଏମ୍, ଓଲା କ୍ୟାବ୍, ଓୟୋ ରୁମ୍ ପରି ଅନେକ ରହିଛି ଏହାର ଉଦାହରଣ। ଆମେରିକାର ଯୁବ ଆଇନଜୀବୀଙ୍କ ନିକଟରେ ବର୍ତ୍ତମାନ କୌଣସି କାମ ନାହିଁ। ଆଇ.ବି.ଏମ୍.- ବାଟସନ୍ ସଫ୍ଟୱେର ଆପ୍ ତୁରନ୍ତ ଉତ୍ତମ ଆଇନଗତ ପରାମର୍ଶ ଦେଉଥିବାରୁ ଆମେରିକା ଆଇନଜୀବୀଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ଆଗାମୀ ୧୦ ବର୍ଷ ମଧ୍ୟରେ ବେକାର ହୋଇଯିବେ। ଯେଉଁ ୧୦ ପ୍ରତିଶତ ରହିବେ ସେମାନେ ସୁପର ସ୍ପେଶାଲିଷ୍ଟ ହେବେ ବୋଲି ଆକଳନ କରାଯାଇଛି।

ସେହିପରି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନର ସୂଚନା ମିଳିଲାଣି । ବିକଶିତ ହୋଇଥିବା ବାଟ୍‌ସନ ସଫ୍ଟୱେର ଡାକ୍ତରମାନଙ୍କ ଅପେକ୍ଷା ୪ ଗୁଣ ଠିକ ରୋଗ ନିର୍ଣ୍ଣୟ କରିପାରିବ। ଏପରିକି ଏହି ସଫ୍ଟୱେର କର୍କଟ ରୋଗ ମଧ୍ୟ ନିର୍ଣ୍ଣୟ ଓ ଏହାର ନିଦାନ କରିପାରିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷାଦାନ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆସିବ। ତାହାର ସ୍ଥାନ ଅନ୍‌ଲାଇନ ଶିକ୍ଷାଦାନ ନେବ। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକ, ଅଧାପିକା ଅଧାପକଙ୍କ ଆବଶ୍ୟକତା ପଡିବ ନାହିଁ। ଏହିସବୁ ପରିବର୍ତ୍ତନର ମାଧ୍ୟମ ସାଜିବ କମ୍ପ୍ୟୁଟର। କମ୍ପ୍ୟୁଟର ବିଶେଷଜ୍ଞ ଓ ବୁଦ୍ଧିଜୀବୀର ଭୂମିକା ନେବ ବୋଲି ଆକଳନ କରାଯାଉଛି।

## ସଂକ୍ଷେପରେ

### ପରୀକ୍ଷା ଦେବାକୁ ଯିବାବେଳେ ଦୁର୍ଘଟଣା, ଦିବ୍ୟାଙ୍ଗ ଯୁବକ ମୃତ

ଚନ୍ଦାହାଣ୍ଡି, ୯।୭(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଉମରକୋଟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପରୀକ୍ଷା ଦେବାକୁ ଯାଉଥିବା ବେଳେ ରାସ୍ତାରେ ବାଇକରୁ ପଡି ଜଣେ ଦିବ୍ୟାଙ୍ଗ ଯୁବକ ପ୍ରାଣ ହରାଇଛନ୍ତି। ସେ ହେଲେ ଚନ୍ଦାହାଣ୍ଡି ବ୍ଲକ ଅନକାବେଡ଼ା ଗ୍ରାମର ତ୍ରିନାଥ ପାଣ୍ଡେ (୩୪)। ସେ ଚନ୍ଦାହାଣ୍ଡି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ସୂଚନାନୁଯାୟୀ, ତ୍ରିନାଥ ରବିବାର ସକାଳ ୭ ଟାରେ ପିଇଓ ପରୀକ୍ଷା ଦେବା ପାଇଁ ଉମରକୋଟ କେନ୍ଦ୍ରକୁ ତାଙ୍କ ଭିଣୋଇ ରାଜିବ ନାଗଙ୍କ ସହ ସ୍କୁଟିରେ ଯାଉଥିଲେ। ଡୁରକା ଧୋଡ଼ଗି ପାଖ ମୁଖ୍ୟ ରାସ୍ତାରେ ସ୍କୁଟି ପଛ ଚକ ଫାଟି ଯିବାରୁ ସେମାନେ ଭାରସାମ୍ୟ ହରାଇ ପଡିଯାଇଥିଲେ। ତ୍ରିନାଥ ଗୁରୁତର ହୋଇଥିବାବେଳେ ରାଜୀବ ସାମାନ୍ୟ ଆହତ ହୋଇଥିଲେ। ତ୍ରିନାଥଙ୍କୁ ଚିକିତ୍ସା ପାଇଁ ଚନ୍ଦାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଗୁଣସାଗର ସାହା, ଡାକ୍ତର ସୌମ୍ୟ ରଞ୍ଜନ ସାହୁ ତ୍ରିନାଥଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ତଥାପି ତାଙ୍କର ଚେତା ନ ଫେରିବାରୁ ତ୍ରିନାଥଙ୍କୁ ଧର୍ମଗଡ଼ ସବଡିଭିଜନାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତ୍ରିନାଥଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ଶ୍ମଶାନରେ ତ୍ରିନାଥଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତ୍ରିନାଥ ଜଣେ ମେଧାବୀ ଛାତ୍ର ଥିଲେ। ଦିବ୍ୟାଙ୍ଗ ଶିଶୁ ଙ୍କ ଭବିଷ୍ୟତ ଗଠନ ରେ ପ୍ରମୁଖ ଭୂମିକା ନିଭାଉ ଥିଲେ। ଚନ୍ଦାହାଣ୍ଡି ବିଇଓ, ଏବିଇଓ ବିଜୟାନନ୍ଦ ସୋରି, ପ୍ରେମଚାନ୍ଦ ଧୂରୁଆ, ନୀଳକଣ୍ଠ ଦାଶ, ଗୋଷ୍ଠୀ ଭିନ୍ନକ୍ଷମ ସାଧନ କର୍ମୀ ମାନସ ମଲ୍ଲିକ ତ୍ରିନାଥଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ୫ହଜାର ଟଙ୍କା ସହାୟତା କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

### ନୂତନ ଡବ୍ଲ୍ୟୁଜେୟୁ ଖବରଦାତା ସଂଘ ଗଠିତ

ନବରଙ୍ଗପୁର, ୯।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଦର ମହକୁମାରେ କାର୍ଯ୍ୟରତ ଜିଲାସ୍ତରୀୟ ଖବରଦାତାଙ୍କୁ ନେଇ ନୂତନ ଭାବେ ଗଠିତ ହୋଇଛି ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟ ୟୁନିୟନ (ଡବ୍ଲ୍ୟୁଜେୟୁ) ଖବରଦାତା ସଂଘ। ସ୍ଥାନୀୟ ସଂଗ୍ରାମୀ ଲକ୍ଷ୍ମୀ ଚନ୍ଦ୍ର ଦାଶ ପ୍ରେସ କ୍ଲବ ସମ୍ମିଳନୀ ଗୃହରେ ଖବରଦାତାଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପ୍ରତି ସମୟରେ ସମ୍ବାଦିକତା କ୍ଷେତ୍ରରେ ଅଣଖବରଦାତାଙ୍କ ଅନୁପ୍ରବେଶ ଯୋଗୁ ପ୍ରକୃତ କାର୍ଯ୍ୟରତ ଖବରଦାତାଙ୍କ ସମ୍ମାନ ଓ ପ୍ରତିଷ୍ଠା ଉପରେ ଆଞ୍ଚ ଆସୁଛି। ଏହାକୁ ପ୍ରତିହତ କରିବା ସହ ଖବରଦାତାଙ୍କ ସମସ୍ୟା ସମାଧାନ ଓ ଜିଲାର ବିଭିନ୍ନ ମୌଳିକ ସମସ୍ୟା ଦୂରୀ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ଖବରଦାତା ନବଘନ ବିଷୟୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂତନ କମିଟି ଗଠନ କରାଯାଇଥିଲା। ପି. ପ୍ରକାଶଙ୍କୁ ସଭାପତି, କିଶୋର ପଟ୍ଟନାୟକଙ୍କୁ ଉପସଭାପତିଭାବେ ଚୟନ କରାଯାଇଥିଲା। ସମ୍ପାଦକଭାବେ ଏ. ସତୀଶ, ସ୍ୱାଧୀନ ପଣ୍ଡା ସହ ସମ୍ପାଦକ ଓ କୋଷାଧକ୍ଷଭାବେ ରବି ନାରାୟଣ ପଟ୍ଟନାୟକଙ୍କୁ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରିଣୀ ସଦସ୍ୟଭାବେ କିରଣ କୁମାର ପଟ୍ଟନାୟକ, ଗୌରାଙ୍ଗ ପାତ୍ର, ଶ୍ରୀଧର ପାତ୍ର, ନବଘନ ବିଷୋୟୀ ଓ ଅଜିତ କୁମାର ନାୟକ ଏବଂ ମିଡିଆ ସଂଯୋଜକଭାବେ ସି.ଏଚ୍. ଈଶ୍ୱର ରାଓଙ୍କୁ ଚୟନ କରାଯାଇଛି। ଖବରଦାତା ବୃତ୍ତିରେ ସଂସ୍କାର ଆଣିବା ପାଇଁ ସଂଘ ଅଧିକ ଗୁରୁତ୍ୱ ଦେବ ବୋଲି ସଭାପତି ପି. ପ୍ରକାଶ ସୂଚନା ଦେଇଛନ୍ତି। ବୈଠକରେ ଡବ୍ଲ୍ୟୁଜେୟୁ ସଦସ୍ୟ ଦେବୀ ପ୍ରସାଦ ପଟ୍ଟନାୟକ, କରେଣ ଉପାସୀ, ସନ୍ତୋଷ କୁମାର ପ୍ରମୁଖ ସହଯୋଗ କରିଥିଲେ।

# ନାହାନ୍ତି ଡାକ୍ତର, ଦୂରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ

ଚନ୍ଦାହାଣ୍ଡି, ୯।୭(ଦିଲ୍ଲୀପ ଦାସ)

**ଚନ୍ଦାହାଣ୍ଡିରେ ଭୁଶୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା**

ନବରଙ୍ଗପୁର ଜିଲାରେ ଦିନକୁ ଦିନ ସ୍ୱାସ୍ଥ୍ୟସେବା ଜଟିଳ ହେଉଥିବା ବେଳେ ଚନ୍ଦାହାଣ୍ଡି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଅଭାବ। ବ୍ଲକ ମହକୁମାସ୍ଥିତ ଚିକିତ୍ସାଳୟରେ ରୋଗୀ ଆବଶ୍ୟକ ଚିକିତ୍ସାସେବା ନ ପାଇ ଦୂରଦୂରାନ୍ତକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ସାଧାରଣ ଜ୍ୱର କିମ୍ବା ମୁଣ୍ଡ ବୁଲେଇଲେ ମଧ୍ୟ ରୋଗୀ ଏଠାରେ ଭରସା ନ ପାଇ ସୁଦୂର ଧର୍ମଗଡ ଓ ନବରଙ୍ଗପୁର ଯାଇ ଚିକିତ୍ସିତ ହେଉଛନ୍ତି। ଉକ୍ତ ଡାକ୍ତରଖାନାରେ ଡାକ୍ତର ମରୁଡ଼ି ପଡିଥିବାବେଳେ କେତେବେଳେ କାହାକୁ ସ୍ଥାନାନ୍ତର କରାଯାଉଛି ତାହା ଜଣା ପଡୁନାହିଁ। ତଥାପି ଏଠାରେ ରହିଥିବା ଡାକ୍ତର ପାଳି କରି ଡ୍ୟୁଟି କରୁଥିବାବେଳେ ସ୍ୱାସ୍ଥ୍ୟସେବା ଭୁଶୁଡି ପଡିଛି। ପୂର୍ବତନ ଭାରପ୍ରାପ୍ତ ଗୋଷ୍ଠୀ ଚିକସାଧିକାରୀ ଡ. ସଂଗ୍ରାମ କେଶରୀ ସାହୁ ଉଚ୍ଚ ଶିକ୍ଷା ପାଇଁ ଯିବାପରେ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ସରକାରୀ ଯୋଜନାରେ ଜନସଚେତନତା ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଆସୁଥିବା ଲକ୍ଷଲକ୍ଷ ଟଙ୍କା ଠିକ ବିନିଯୋଗ ହୋଇ ପାରୁନାହିଁ। କେବଳ କାଗଜ କଲମରେ ଖର୍ଚ୍ଚ କରାଯାଉଥିବା ଦର୍ଶାଇ ଟଙ୍କା ଆତ୍ମସାତ ହେଉଥିବା ଅଭିଯୋଗ ଆସିଛି।

ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଦଳବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର , ବେହେରାମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଦେଓବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନକାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ଝରିଗାଁ ବିଧାୟକ ପ୍ରକାଶ ମାଝିଙ୍କ ନିଜ ବ୍ଲକରେ। ବ୍ଲକର ଗୋଟିଏ ସିଏଚ୍‌ସି ଏବଂ ୪ ପିଏଚ୍‌ସିରେ ରହିଛନ୍ତି କେବଳ ୮ ଜଣ ଡାକ୍ତର। ବ୍ଲକରେ ୧୪ ପଞ୍ଚାୟତରେ ଜନସଂଖ୍ୟା ଏକ ଲକ୍ଷରୁ ଊର୍ଦ୍ଧ୍ୱ। ବର୍ଦ୍ଧିତ ଜନସଂଖ୍ୟା ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ସରକାର ଚନ୍ଦାହାଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେଇଥିଲେ। ତାହା କିନ୍ତୁ ସଫଳ ହୋଇପାରୁନି। ଚନ୍ଦାହାଣ୍ଡି ବ୍ଲକ ମହକୁମାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଟି ଅନୁମୋଦିତ ପଦବୀ ରହିଛି। ଜଣେ ସ୍ତ୍ରୀ ରୋଗ, ଜଣେ ଶିଶୁ ରୋଗ, ଜଣେ ଶଲ୍ୟ ବିଶେଷଜ୍ଞ ଓ ଜଣେ ମେଡିକାଲ ଅଫିସର ରହିବା କଥା। କିନ୍ତୁ ଡାକ୍ତରଖାନାରେ ଜଣେ ବି ବିଶେଷଜ୍ଞ ନାହାନ୍ତି। ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦିବାରାତ୍ରି ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିଲେ ହେଁ ଏଠାରେ ଦୀର୍ଘ ଦିନ ହେଲା ଡାକ୍ତର ମରୁଡି ଲାଗି ରହିଛି। ଏହି କେନ୍ଦ୍ର ଉପରେ ୧୪ ପଞ୍ଚାୟତବାସୀ ନିର୍ଭର କରୁଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୪ ଜଣ ଡାକ୍ତରଙ୍କ ଦୟାରେ ଚାଲିଛି। ବାରମ୍ବାର ବିଶେଷଜ୍ଞ ଡାକ୍ତର ଓ ସ୍ଥାୟୀ ମେଡିକାଲ ଅଫିସର ନିଯୁକ୍ତି ପାଇଁ ଦାବି ହୋଇ ଆସୁଥିଲେ ସୁଦ୍ଧା ସରକାର ଜନସାଧାରଣଙ୍କ ଦାବିକୁ ଅଣଦେଖା କରୁଛନ୍ତି। ବିଧାୟକ ଓ ଏମ୍‌ପିଙ୍କ ନିଜ ବ୍ଲକରେ ଯଦି ସ୍ୱାସ୍ଥ୍ୟ ସେବା ଏମିତି ତାହେଲେ ଜିଲାର ଅନ୍ୟ ବ୍ଲକରେ ସ୍ୱାସ୍ଥ୍ୟସେବା କିଭଳି ଥିବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏଠାରେ ରହିଥିବା କେତେଜଣ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ହାତକରି ଦୀର୍ଘ ବର୍ଷ ହେଲା ଥାଟ ଜମେଇଥିବା ବେଳେ ସ୍ୱାସ୍ଥ୍ୟସେବା ସମ୍ପର୍କୀୟ ଯୋଜନାର ସୁଫଳ କିନ୍ତୁ ମିଳୁନି। ଚନ୍ଦାହାଣ୍ଡି ସଦରରୁ ୪ କିମି ଦୂରତାରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ଚନ୍ଦାହାଣ୍ଡି ସଦରରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭ୍ରାମ୍ୟମାଣ ଚାରା ବିତରଣ ରଥ ଉଦ୍‌ଘାଟିତ



ଡାବୁଗାଁ ବନାଞ୍ଚଳ ଅଧିକାରୀ ଜଣେ ବ୍ୟକ୍ତିଙ୍କୁ ଚାରା ପ୍ରଦାନ କରୁଛନ୍ତି।

ଡାବୁଗାଁ, ୯।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବନ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ଚାରା ବିତରଣ ରଥ ରବିବାର ଉଦ୍‌ଘାଟିତ ହୋଇଛି। ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗ ପତାକା ଦେଖାଇ ତାହାକୁ ଉଦଘାଟନ କରିଥିଲେ। ଏହି ରଥ ବନାଞ୍ଚଳ ଅଧୀନ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସମସ୍ତ ସରକାରୀ କାର୍ଯ୍ୟାଳୟକୁ ମାଗଣାରେ ଚାରା ବିତରଣ କରାଯିବ। ବ୍ୟକ୍ତିଗତଭାବେ କୌଣସି ବ୍ୟକ୍ତି ଚାରା ନେବାକୁ ହେଲେ ନିଜର ଆଧାର କାର୍ଡ ଓ ଜମି ପଟ୍ଟାର ଜେରକ୍ସ କପି ଦେବା ସହ ପ୍ରତି ଚାରା ପିଛା ୧ ଟଙ୍କା ଦାଖଲ କରିବାକୁ କୁହାଯାଇଛି। ପ୍ରତି ବ୍ୟକ୍ତିଙ୍କୁ ୧୦ଟି ଲେଖାଏଁ ଚାରା ପ୍ରଦାନ କରାଯିବ। ଏହି ଉଦଘାଟନ ସମୟରେ ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ କାର୍ତ୍ତିକ ମାଝି, ପ୍ରକାଶ ସରକାର, ସରସ୍ୱତୀ ମେହେର ଓ ଲୋକମାନେ ଉପସ୍ଥିତ ଥିଲେ।

### ବସ୍‌ଷ୍ଟାଣ୍ଡକୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ନାମରେ ନାମିତ ଦାବି

ମୁନିଗୁଡ଼ା, ୯।୭(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲା ମୁନିଗୁଡ଼ାରେ ନୂତନ ଭାବେ ନିର୍ମାଣ ହେଉଥିବା ବସ ଷ୍ଟାଣ୍ଡକୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ନାମରେ କରିବାକୁ ଦାବି ହୋଇଛି। ଶହୀଦ ଲକ୍ଷ୍ମଣ ନାୟକ କ୍ଲବ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଉକ୍ତ ସ୍ଥାନରେ ୧୯୯୯ରେ ତତ୍କାଳୀନ ରାଜ୍ୟ ପଞ୍ଚାୟତରାଜ ମନ୍ତ୍ରୀ ହବିବୁଲ୍ଲା ଖାନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଥିଲେ। ମୁନିଗୁଡ଼ାର ବସ୍‌ଷ୍ଟାଣ୍ଡକୁ ଭାଙ୍ଗି ପୁନଃ ନିର୍ମାଣ କାମ ଚାଲିଛି।

### ଯୋଗ କେନ୍ଦ୍ର, ଅନାଥାଶ୍ରମ ଶିଳାନ୍ୟାସ

ଗୁଣପୁର, ୯।୭(ପ୍ରଦୀପ ପାଢ଼ୀ)

ରାୟଗଡା ଜିଲା ଗୁଣପୁରର କପିଳପୁରରେ ଯୋଗ କେନ୍ଦ୍ର ସହ ଅନାଥାଶ୍ରମ ନିମନ୍ତେ ଶିଳାନ୍ୟାସ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜଇନ୍ଦ୍ରା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ହେବାକୁ ଥିବା ଏହି ଅନୁଷ୍ଠାନର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ, ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ଗୁଣପୁର ବିଧାୟକ ରଘୁନାଥୟ ଗମାଙ୍ଗ, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପାଢି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଇନ୍ଦିରା ପାଢୀ ଧନ୍ୟବାଦ ଦେଇଥିଲେ। ଉମାଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ତ୍ରିପତିମହାନ୍ତି ଏବଂ ନଳନୀ ମହାନ୍ତି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

# ଏବିଭିପିର ୭୫ ତମ ପ୍ରତିଷ୍ଠା ଦିବସ


ପରିଷଦର ପାତାକା ପାଖରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଗୁଣପୁର, ୯।୭(ପ୍ରଦୀପ ପାଢ଼ି)

୧୯୪୯ ଜୁଲାଇ ୯ରେ ପ୍ରତିଷ୍ଠା ହୋଇଥିବା ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ରବିବାର ସାରା ଦେଶରେ ୭୫ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ଗୁଣପୁର ଶାଖା ଏବିଭିପି ପକ୍ଷର ଏକ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ୱିସଡ଼ମ୍ କୋଚିଂ ସେଣ୍ଟର ଢେପ ସାହିରେ ଅଧ୍ୟାପକ ଦୁର୍ଗା କରଙ୍କ ତତ୍ତ୍ୱାବଧାନରେ ପରିଷଦର ପତାକା ଉତ୍ତୋଳନ ହୋଇଥିଲା। ନଗର ସଭାପତି ଅଧ୍ୟାପକ ପ୍ରଫୁଲ୍ଲ ଲିମା ପତକା ଉତ୍ତୋଳନ କରିଥିବା ବେଳେ ଜିଲା ପ୍ରମୁଖ ଅଧ୍ୟାପକ ଶେଷସାଇ ସେନାପତି ମାର୍ଗଦର୍ଶନ କରିଥିଲେ। ବିଭାଗ ପ୍ରମୁଖ ଉମା ଶଙ୍କର ଦାଶ ପୌରହିତ୍ୟ କରିବା ସହ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ପିଲାଙ୍କ ପାଇଁ ସରକାର କାମ ଧନ୍ଦା ଯୋଗାଇବା, ଶିକ୍ଷା ନିମନ୍ତେ ରାଜ୍ୟ ବଜେଟରେ ୧୦ ପ୍ରତିଶତ ଅର୍ଥ ପ୍ରଦାନ, ଶିକ୍ଷାକୁ ରାଜନୀତିରୁ ଦୂରରେ ରଖିବାକୁ ଦାବି ହୋଇଛି। ଖୁନ୍ ଭି ଦେଙ୍ଗେ ଯାନ ଭି ଦେଙ୍ଗେ, ଦେଶ କିମିଟି କଭି ନା ଦେଙ୍ଗେ ଭଳି ଦେଶ ଭକ୍ତି ସ୍ଲୋଗାନମାନ ଦିଆଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀ ପରିଷଦ ପୂର୍ବତନ ଜିଲା ପ୍ରମୁଖ ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ, ଅଧ୍ୟାପକ ପୂର୍ଣ୍ଣ୍ୟଶ୍ଳୋକ ସାହୁ, ଅଧ୍ୟାପକ ଲକ୍ଷ୍ମୀ ମହାକୁଡ଼ , ସଂଯୋଜକ ବି. ସତୀଶ କୁମାର, ବି. କିରଣ, ବି. ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତା ଓ ବିଦ୍ୟାର୍ଥୀ ମାନଙ୍କୁ ନେଇ ସ୍ଥାନୀୟ କପିଳପୁରରେ ନିମ, ବଉଳ, ଅଁଳା ଓ ବାଦାମ ଭଳି ଅନେକ ଚାରା ବନ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଶିବାନୀ ପାତ୍ରଙ୍କ ପ୍ରତ୍ୟେକ୍ଷ ଉପସ୍ଥିତିରେ ଲଗାଯାଇଛି।

# ସ୍କୁଲରେ ବନ ମହୋତ୍ସବ ପାଳିତ


ଚାରାରୋପଣ ଅବସରରେ ସ୍କୁଲ ଛାତ୍ରୀ ଓ ଅନ୍ୟମାନେ ।

ମୁନିଗୁଡ଼ା, ୯।୭(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲା ମୁନିଗୁଡା ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ପ୍ରକୃତି ବନ୍ଧୁ ଶିକ୍ଷକ ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବନମହୋତ୍ସବ କାର୍ଯ୍ୟକ୍ରମ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବନଖଣ୍ଡ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଚାରାରୋପଣ ଉପକାରିତା ଓ ବନମହୋତ୍ସବ ସମ୍ପର୍କରେ ବୁଝାଇଥିଲେ। ବର୍ଣ୍ଣନା କରିଥିଲେ। ଏହି ବନମହୋତ୍ସବକୁ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଗିରି, ଅନୁପମା ବେହେରା, ପତିତପାବନ ଜେନା, ଲଣ୍ଡା ବେଡ଼କା, ରଶ୍ମିତା ଦିଗାଲ, ସସ୍ମିତା ସାମଲ, ନବନିତା ପ୍ରଧାନ, ଲକ୍ଷ୍ମୀପ୍ରିୟା ଦେବୀ, ଇତିଶ୍ରୀ ପ୍ରିୟଦର୍ଶିନୀ, ସୁଦାମ ସେନାପତି, ଉଲ୍ଲାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଟିଏ ବୃକ୍ଷ ୧୦ଟି ମଣିଷ ଜୀବନ ସହ ସମାନ

**ସେଞ୍ଚୁରିଆନ ଶିକ୍ଷାନୁଷ୍ଠାନରେ ବନ ମହୋତ୍ସବ**

ରାୟଗଡ଼ା, ୯।୭ (ଭାଗ୍ୟଶ୍ରୀ ମିଶ୍ର)


ଚାରାରୋପଣ କରାଯାଉଛି ।

ରାୟଗଡ଼ା ସହର ଉପଖଣ୍ଡ ପିତାମହଲସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ ଅଧିକାରୀ ନିବେଦିତା ପଣ୍ଡା ଯୋଗଦେଇ ମଣିଷ ଜୀବନରେ ବୃକ୍ଷର ମହତ୍ତ୍ୱ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଗୋଟିଏ ବୃକ୍ଷ ୧୦ଟି ମଣିଷ ଜୀବନ ସହ ସମାନ ଓ ପ୍ରତିଟି ମଣିଷ ନିଜ ଜୀବନରେ ପ୍ରତିବର୍ଷ ଅତି କମ୍‌ରେ ଗୋଟିଏ ବୃକ୍ଷ ଲଗାଇବା ପାଇଁ ସେ ଆହ୍ୱାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ଶିକ୍ଷାନୁଷ୍ଠାନର ଅଧକ୍ଷ ରାଧାକୃଷ୍ଣ ମହାପାତ୍ର, ନିର୍ଦ୍ଦେଶକ ରାଜେଶ କୁମାର ପାଢ଼ୀ ଯୋଗଦେଇ ସମସ୍ତେ ଚାରାରୋପଣ କରିବା ସହ ସେହି ବୃକ୍ଷର ଯତ୍ନ ନେବା ଆବଶ୍ୟକ ବୋଲି କହିଥିଲେ। ପରେ ବିଶ୍ୱବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇ ପ୍ରାକୃତିକ ପରିବେଶ ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

# ଓଏସ୍‌ଇପିଏ ଟିମ୍‌ର କାଶୀପୁର ଗସ୍ତ

ଟିକିରି, ୯।୭(ପ୍ରଫୁଲ୍ଲ କୁମାର ବେହେରା)



ଓଏସ୍‌ଇପିଏର ଡେପୁଟି ଡ଼ାଇରେକ୍ଟର ନଳିନୀ କୁମାରୀ ସାହୁଙ୍କ ନେତୃତ୍ୱରେ ଆସିଥିବା ଷ୍ଟେଟ କୋଅର୍ଡିନେଟର ଅଶୋକ କୁମାର ମହାପାତ୍ର, ରାୟଗଡା ଏଡିଇଓ ଭଜନ ଲାଲ ମାଝି ପ୍ରମୁଖ କାଶୀପୁର ଗସ୍ତରେ ଆସିଛନ୍ତି। ସେମାନେ ଟିକିରି, କାଶୀପୁର ଏବଂ ଗୋଡ଼ିବାଲିସ୍ଥିତ ୫–ଟି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଟିକିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇ –ଲାଇବ୍ରେରୀ, ସାଇନ୍ସ ଲ୍ୟାବ ପରିଦର୍ଶନ କରିବା ସହ ମୋ ସ୍କୁଲ ଅଭିଯାନ ସମ୍ପର୍କରେ ପ୍ରଧାନ ଶିକ୍ଷକଲୋଚନ ଖରା, ମୋ ବିଦ୍ୟାଳୟ ସଭାପତି ଟୁଟୁ ମହାନ୍ତିଙ୍କ ସହିତ ଆଲୋଚନା କରିଥିଲେ। ନବ ନିର୍ମିତ ବିଦ୍ୟାଳୟ କୋଠାରୁ ପାଣି ଝରୁଥିବାରୁ ତାହାର ପ୍ରତିକାର ଏବଂ ଖେଳ ପଡ଼ିଆ ନିର୍ମାଣ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶିକ୍ଷକ ରଞ୍ଜିତ ମିଶ୍ରଙ୍କ ସହ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଗଦାଧର ଷ୍ଟାଡିୟମରେ ଚାରାରୋପଣ

ଚନ୍ଦାହାଣ୍ଡି, ୯।୭(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଦଣ୍ଡାମୁଣ୍ଡାସ୍ଥିତ ଗଦାଧର ଷ୍ଟାଡିୟମରେ ବନ ବିଭାଗ ଓ ଦଣ୍ଡାମୁଣ୍ଡା ପଲ୍ଲିଶ୍ରୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଚାରାରୋପଣ କରାଯାଇଛି। ନବରଙ୍ଗପୁର ଏମ୍‌ପି ମେଶ ଚନ୍ଦ୍ର ମାଝି, ଝରୀଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଓଡିଶା ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ଧୋଡ଼ିପାଣି ସରପଞ୍ଚ ଦୁଲ୍ଲବ ପୂଜାରୀ, ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ, ବନପାଳ ବିପିନ କୁମାର ହରିଜନ, ବନରକ୍ଷୀ କୃଷ୍ଣଚନ୍ଦ୍ର ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ। ଷ୍ଟାଡିୟମର ଚତୁଃପାର୍ଶ୍ୱରେ କଦମ୍ବ, ବଉଳ, ପିସ୍ତା ବାଦାମ ଭଳି ବିଭିନ୍ନ ପ୍ରଜାତିର ୫୦ରୁ ଊର୍ଦ୍ଧ୍ୱ ଚାରା ଲଗାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ମାଝି, ନଳିନୀ ମାଝି, ପରମେଶ୍ୱର ମାଝି, ମାୟାଧର ମାଝି, ଶିଶିର ମାଝି, ସିମାଞ୍ଚଳ ଗଣ୍ଡା, ବଳରାମ ପଟ୍ଟନାୟକ, ସଂଗ୍ରାମ କେଶରୀ ସାହୁ, ପ୍ରତାପ ଗୌଡ଼, ଧବଳେଶ୍ୱର ପଟ୍ଟନାୟକ,ସୌରୀ ରଞ୍ଜନ ସାହୁ, ଗୁପ୍ତେଶ୍ୱର ମାଝି,ଇଂରେଜ ସୋରି, ପ୍ରମୋଦ ସାହୁ, ଶେଷମଲ ନାୟକ, ସୁରେନ୍ଦ୍ର ଦାସ, ବିଦ୍ୟାଧର ଗୋପାଳ, ମାନସ ନାୟକଙ୍କ ସହ ପଲ୍ଲିଶ୍ରୀ ଯୁବକ ସଂଘ ସଦସ୍ୟ ଏବଂ ବନ କର୍ମଚାରୀ ଉପସ୍ଥିତ ଥିଲେ।


ଅତିଥିମାନେ ଚାରାରୋପଣ କରୁଛନ୍ତି।

# ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି ଦାବି

ରାମନାଗୁଡ଼ା,୯।୭(ସଞ୍ଜୟ ପ୍ରଧାନ)

**ରାମନାଗୁଡ଼ାରେ ବଢ଼ିଚାଲିଛି ଚୋରଙ୍କ ପ୍ରାଦୁର୍ଭାବ**


ଥାନାଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

ରାୟଗଡ଼ା ଜିଲା ରାମନାଗୁଡ଼ା ବଢ଼ିଚାଲିଛି ଚୋର ପ୍ରାଦୁର୍ଭାବ। ଚୋର ନ ଧରାପଡ଼ିବା ଭୟରେ ବିଭିନ୍ନ କୌଶଳ ଆପଣାଉଛନ୍ତି। ରାମନାଗୁଡା ବଜାରରେ ରାତ୍ରିକାଳୀନ ପ୍ରାଟ୍ରୋଲିଂ ଜୋରଦାର, ରାମନାଗୁଡା ଥାନାରେ ଖାଲିଥିବା ପଦବୀ ପୂରଣ ନେଇ ରାମନାଗୁଡା ଥାନାଧିକାରୀ ସୁନିତା ବେହେରାଙ୍କୁ ସ୍ଥାନୀୟ ଲୋକେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ରାମନାଗୁଡା ସଦରରେ ଚୋରି ବଢ଼ିବାରେ ଲାଗିଛି। ଚୋରଙ୍କୁ ଧରିବାରେ ସଫଳ ହୋଇ ପାରୁନି ପୋଲିସ। ଗତ ୬ମାସ ମଧ୍ୟରେ ପାଖାପାଖି ୧୦ରୁ ୨୦ଟି ସ୍ଥାନରୁ ଚୋରି ହୋଇ ସାରିଲାଣି। ପୋଲିସ ଚୋରଙ୍କୁ ଧରି ପାରୁ ନ ଥିବାରୁ ଲୋକେ ଥାନରେ ଅଭିଯୋଗ ମଧ୍ୟ କରୁନାହାନ୍ତି। ଗତ କିଛି ବର୍ଷ ତଳେ ଗୋଟିଏ ରାତିରେ ୨ଟି ବୋଲେର ଚୋରି ହୋଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଚୋରଙ୍କୁ ଧରି ପାରିନି ପୋଲିସ। ଏବେ କିଛି ଦିନ ତଳେ ହନୁମାନ ମନ୍ଦିରରୁ ଦାନ ବାକ୍ସରୁ ଟଙ୍କା, ଠାକୁରଙ୍କ ମୁକୁଟ ଚୋରି ହୋଇଥିଲା। ଗୁମୁଡ଼ା ନିକଟ ସୁଥରାଜପୁର ଅଙ୍ଗନବାଡି କେନ୍ଦ୍ରରୁ ଇନଭର୍ଟର ଚୋରି ହୋଇଥିବା ବେଳେ ଚାକୁଣ୍ଡା ନିକଟ ରାମଗିରି ଅଙ୍ଗନବାଡି କେନ୍ଦ୍ରରୁ ସୋଲାର ପ୍ଲେଟ ଚୋରି ହୋଇଛି। ସେହିପରି ରାମନାଗୁଡ଼ା ଜଣେ ବ୍ୟବସାୟୀଙ୍କ ବାରଣ୍ଡାରୁ ବାଇକ ଚୋରି ହୋଇଥିବା ବେଳେ ଆଉ ବ୍ୟବସାୟୀଙ୍କ ଘରେ ପଶି କଳାକନା ବୁଲାଇଥିଲେ ଚୋର। ତାମ୍ପରଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟ ଟ୍ରାକ୍ଟରରୁ ବ୍ୟାଟେରୀ ଚୋରି ହୋଇଥିଲା। ସେହିପରି ତାରିଣୀ ମେଡ଼ିକାଲରୁ ଟଙ୍କା, ସାରଳା ସୁନା ଦୋକାନରୁ ସୁନା ଟଙ୍କା ଚୋରି ହୋଇଥିବା ବେଳେ ଚଳିତ ମାସ ୭ ତାରିଖରେ ତାମ୍ପରଗୁଡ଼ା ଅଙ୍ଗନବାଡି କେନ୍ଦ୍ରରୁ ଏଲଇଡ଼ି ଟିଭି ଚୋରି ହୋଇଥିବା ଅଭିଯୋଗ ହେଉଛି । ଏବେ ଲୋକେ ଘର କିମ୍ବା ବ୍ୟବସାୟ ସ୍ଥଳ ଛାଡି ଯିବା ପାଇଁ ସୁରକ୍ଷିତ ମନେ କରୁ ନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଥାନାରେ ପର୍ଯ୍ୟାପ୍ତ ମାତ୍ରାରେ କର୍ମଚାରୀ ନଥିବାରୁ ରାତ୍ରିପାକଳିନ ପାଟ୍ରୋଲିଂ କଡାକଡି କରିବା ସମ୍ଭବ ହୋଇ ପାରୁନାହିଁ ବୋଲି ରାମନାଗୁଡ଼ା ଥାନାଧିକାରୀ ସୁନିତା ବେହେରା କହିଛନ୍ତି। ତେଣୁ ରାମନାଗୁଡା ଥାନାରେ ଆଶ୍ୟକୀୟ କର୍ମଚାରୀ ଯୋଗେଇ ଦେବାକୁ ଦାବି ହେଉଛି।

